ବର୍ଷ-୨୪, ସଂଖ୍ୟା-୨୩୩
ଭୁବନେଶ୍ୱର
୨୩ ସେପ୍ଟେମ୍ବର, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 233
Bhubaneswar
33 September, 2024, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି

ଭୁବନେଶ୍ୱର, ୨ ୨।୯ (ମହାଭାରତ.): ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରରେ ଦେଖାଦେଲା ଯାନ୍ତ୍ରିକ ତ୍ରୁଟି। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମୟୂରଭଞ୍ଜ ଗସ୍ତ ବାତିଲ୍ ହୋଇଛି। ସେ କାରକେଟ୍ରେ ସଡ଼କ ପଥରେ କେନ୍ଦୁଝରରୁ ରାଜଧାନୀ ଭୁବନେଶ୍ୱର ଅଭିମୁଖେ ଆସୁଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନି ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇଥିଲେ। ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଜି ମୁଖ୍ୟମନ୍ତ୍ରୀଙ୍କର ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଯିବାରେ ଥିଲା। ତେଣୁ ନିର୍ଦ୍ଧାରିତ ସମୟରେ ଆଜି ଅପରାହ୍ନ ପ୍ରାୟ ୩ଟା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦୁଝର ସାଂସଦ ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ତେଲକୋଇ ବିଧାୟକ ଡକ୍ଟର ଫକୀର ମୋହନ ନାଏକ ରାଇସୁଆଁ ଏୟାର ଷ୍ଟ୍ରିପରେ ପହଞ୍ଚି ଥିଲେ। ଠିକ୍ ସେତିକି ବେଳେ ପ୍ରବଳ ବର୍ଷା ହୋଇଥିଲା। ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଟେକ୍‌ଅପ୍ କରିପାରିନଥିଲା।



ବର୍ଷା କମିବା ପରେ ମୁଖ୍ୟମନ୍ତ୍ରୀ ଓ ସାଂସଦ ହେଲିକପ୍ଟରରେ ବସିବା ପାଇଁ ଆସିଥିଲେ। ହେଲେ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ ବାତିଲ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦୁଝର ସାଂସଦ ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ତେଲକୋଇ ବିଧାୟକ ଡକ୍ଟର ଫକୀର ମୋହନ ନାଏକ ସଡ଼କ ପଥରେ ଭୁବନେଶ୍ୱର ଫେରୁଥିବା ଜଣାପଡ଼ିଛି।

# କ୍ୱାଡ୍ ଗୋଷ୍ଠୀ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଚାହୁଁଛି : ପ୍ରଧାନମନ୍ତ୍ରୀ

ୱାଶିଂଟନ୍: ୨ ୨।୯ (ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ତିନି ଦିନିଆ ଆମେରିକା ଗସ୍ତରେ ଅଛନ୍ତି। ଏହି ସମୟ ମଧ୍ୟରେ ସେ କ୍ୱାଡ୍ ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି। ଶନିବାର (ସ୍ଥାନୀୟ ସମୟ) ଡେଲାୱେରର ୱିଲମିଙ୍ଗଟନରେ ଅନୁଷ୍ଠିତ କ୍ୱାଡ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ କ୍ୱାଡ ସବୁଦିନ ପାଇଁ ଏଠାରେ ଅଛି ଏବଂ ଏହା କାହା ବିରୁଦ୍ଧରେ ନୁହେଁ। ଚୀନ୍ ପ୍ରସଙ୍ଗରେ ସେ କହିଛନ୍ତି କ୍ୱାଡ୍ ନେତାମାନେ ନିୟମ ଭିତ୍ତିକ ଅନ୍ତର୍ଜାତୀୟ ବ୍ୟବସ୍ଥା ଏବଂ ସାର୍ବଭୌମତ୍ୱ ପ୍ରତି ସମ୍ମାନର ସପକ୍ଷରେ ଅଛନ୍ତି।

ସୂଚନାଯୋଗ୍ୟ, ଚୀନ୍ ବିଶ୍ୱରେ ଏହାର ଏକପାଖିଆ ପ୍ରାଧାନ୍ୟ ଚାହୁଁଛି। ଏହି ସର୍ବୋଚ୍ଚତା ପାଇଁ ଚୀନ୍ ପଡୋଶୀ ଦେଶ ବିରୁଦ୍ଧରେ ବିଶେଷ କରି ଭାରତ ବିରୁଦ୍ଧରେ ଷଡଯନ୍ତ୍ର କରୁଛି। ଚୀନ୍ ଅନୁଭବ କରୁଛି ଯେ ଏହା ବିରୁଦ୍ଧରେ କ୍ୱାଡ୍ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିରେ ପିଏମ ମୋଦୀଙ୍କ ଏହି ବାର୍ତ୍ତା ଅନେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

ପ୍ରଧାନମନ୍ତ୍ରୀ ମୋଦୀ ଏହା ମଧ୍ୟ କହିଛନ୍ତି ଯେ କ୍ୱାଡ୍ ଗୋଷ୍ଠୀ ବିବାଦର ଶାନ୍ତିପୂର୍ଣ୍ଣ



ସମାଧାନ ଚାହୁଁଛି। କାରଣ ଏହା ଏକ ସମୟରେ ସାକ୍ଷାତ ହେଉଛି ଯେତେବେଳେ ବିଶ୍ୱ ଅନେକ ବିବାଦ ସହ ମୁକାବିଲା କରୁଛି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ସହଭାଗୀ ଗଣତାନ୍ତ୍ରିକ ମୂଲ୍ୟବୋଧ ଆଧାରରେ ମିଳିତ ଭାବେ କାର୍ଯ୍ୟ କରିବା ସମସ୍ତ ମାନବିକତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ କାହା ବିରୁଦ୍ଧରେ ନାହୁଁ। ଆମେ ସମସ୍ତେ ନିୟମ-ଆଧାରିତ ଅନ୍ତର୍ଜାତୀୟ ଶୃଙ୍ଖଳା, ସାର୍ବଭୌମତ୍ୱ ତଥା ଆଞ୍ଚଳିକ ଅଖଣ୍ଡତା ପ୍ରତି ସମ୍ମାନ ଏବଂ ସମସ୍ତ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନକୁ ସମର୍ଥନ କରୁଛୁ।ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଭାଷଣରେ କହିଛନ୍ତି, ଆମର ବାର୍ତ୍ତା ସ୍ପଷ୍ଟ,କ୍ୱାଡ ଏଠାରେ ରହିବ, ସାହାଯ୍ୟ କରିବ, ସହଭାଗୀ ହେବା ପାଇଁ କାର୍ଯ୍ୟ କରିବ। ମୁଁ ପୁଣି ଥରେ ରାଷ୍ଟ୍ରପତି ଜୋ ବାଇଡେନ ଏବଂ ମୋର ସମସ୍ତ ସହକର୍ମୀଙ୍କୁ ଅଭିନନ୍ଦନ ଜଣାଉଛି। ୨୦୨୫ରେ ଭାରତରେ କ୍ୱାଡ୍ ଲିଡର୍ସ ସମ୍ମିଳନୀ ଆୟୋଜନ କରି ଆମେ ଖୁସି ହେବୁ ବୋଲି ମୋଦୀ କହିଛନ୍ତି।

ଚଳିତ ବର୍ଷ ପୂର୍ବରୁ ଭାରତରେ କ୍ୱାଡ୍ ଲିଡର୍ସ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଥିଲା, କିନ୍ତୁ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ତାଙ୍କ ସହରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅଗ୍ରହୀ ଥିଲେ। ତାଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାରୁ ବାଇଡେନଙ୍କ ପାଇଁ ଏହା ଏକ ବିଦାୟ ସମ୍ମିଳନୀ। ଆମେରିକା, ଜାପାନ, ଭାରତ ଏବଂ ଅଷ୍ଟ୍ରେଲିଆ ୨୦୧୭ରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚୀନ୍‌ର ଆକ୍ରମଣାତ୍ମକ ଆଚରଣକୁ ପ୍ରତିହତ କରିବା ପାଇଁ କ୍ୱାଡ୍ ମିଳିତ ମଞ୍ଚର ଦୀର୍ଘ ଦିନର ବିଚାରାଧୀନ ପ୍ରସ୍ତାବ ପରେ ଗଠନ କରିଥିଲେ। ଚାରି ସଦସ୍ୟ ବିଶିଷ୍ଟ କ୍ୱାଡ୍ ସୁରକ୍ଷା ସଂଳାପ, ଏକ ମୁକ୍ତ, ଖୋଲା ଏବଂ ଅନ୍ତର୍ଭୁକ୍ତ ଇଣ୍ଡୋ-ପାସିଫିକ୍ ବଜାୟ ରଖିବାକୁ ଓକିଲାତି କରେ। ଚୀନ୍ ଅଭିଯୋଗ କରୁଛି ଯେ ଚାଇନାର ବିକାଶ ରୋକିବା ପାଇଁ କ୍ୱାଡ୍ ଯୋଜନା କରୁଛି।

# କୋଇଲା ଖଣିରେ ବିସ୍ଫୋରଣ, ୫୧ ମୃତ



ତେହେରାନ, ୨ ୨।୯ (ମହାଭାରତ) ଇରାନର ଏକ କୋଇଲା ଖଣିରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୫୧ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ଇରାନର ଦକ୍ଷିଣ ଖୋରସାନାରେ ଏହି ବିସ୍ଫୋରଣ ହୋଇଛି।

ସୂଚନା ଅନୁସାରେ, ମଦଞ୍ଜୋ କମ୍ପାନୀ ଦ୍ୱାରା ପରିଚାଳିତ ଖଣିର ଦୁଇଟି ବ୍ଲକ୍ ବି ଏବଂ ସିରେ ବିସ୍ଫୋରଣ ଘଟିଛି। ମିଥେନ ଗ୍ୟାସ୍ କାରଣରୁ ଏହି ବିସ୍ଫୋରଣ ହୋଇଥିବା କୁହାଯାଉଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ୫୧ ଜଣଙ୍କ ଜୀବନ ଚାଲିଯାଇଛି। ଦକ୍ଷିଣ ଖୋରସାନାର ରାଜ୍ୟପାଳ ଅଲି ଆକବର ରହିମ ସ୍ଥାନୀୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବ୍ଲକ୍ ବିରେ ଉଦ୍ଧାର କାର୍ଯ୍ୟ ଶେଷ ହୋଇଛି। ଏହି ବ୍ଲକରେ ଥିବା ୪୭ ଜଣ ଶ୍ରମିକଙ୍କ ମଧ୍ୟରୁ ୩୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୭ ଜଣ ଆହତ ହୋଇଛନ୍ତି। ସେହିପରି ଅନ୍ୟ ବ୍ଲକରେ ଉଦ୍ଧାରକାର୍ଯ୍ୟ ଚାଲିଥି। ରାଜ୍ୟପାଳ ରହିମ ଆହୁରି କହିଛନ୍ତି, ଦେଶର ୭୬% କୋଇଲା ଏହି ଅଞ୍ଚଳରୁ ମିଳିଥାଏ। ଏଠାରେ ମଦଞ୍ଜୁ କମ୍ପାନୀ ସମେତ ପ୍ରାୟ ୮ରୁ ୧୦ ଟି ବଡ଼ ବଡ଼ କମ୍ପାନୀ କାର୍ଯ୍ୟ କରୁଛନ୍ତି। କେଉଁ ପରିସ୍ଥିତିରେ ବିସ୍ଫୋରଣ ଘଟିଲା, ତା'ର ତଦନ୍ତ ଚାଲିଛି।

## ଅଙ୍ଗନବାଡି କର୍ମୀଙ୍କୁ ଗଛରେ ବାନ୍ଧି ମାଡ଼ ଘଟଣାରେ ୩ ଗିରଫ

ଜଳେଶ୍ୱର, ୨ ୨।୯ (ମହାଭାରତ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ମହାପଦା ଅଙ୍ଗନବାଡି କର୍ମୀଙ୍କୁ ଗଛରେ ବାନ୍ଧି ମାଡ଼ ମାରିବା ଘଟଣାରେ ୩ ଜଣ ମହିଳାଙ୍କୁ ଗିରଫ କରାଯାଇଛି। ଏବେବି ୧୦ରୁ ଅଧିକ ମହିଳା ଫେରାର ଥିବା ବେଳେ ସେମାନଙ୍କୁ ଖୋଜୁଛି ପୋଲିସ। ଗତ ୧୯ ତାରିଖ ଦିନ ମହପଦା ଗାଁରେ କାର୍ଯ୍ୟରତ ଜଣେ ଅଙ୍ଗନବାଡ଼ି ଦିଦିଙ୍କୁ ଗଛରେ ବାନ୍ଧି ନିଷ୍ଠୁର ପିଟିଥିଲେ ଉତ୍ୟକ୍ତ ଲୋକେ। ଗୁରୁତର ଅବସ୍ଥାରେ ମହିଳାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଗତକାଲି ସଂଧ୍ୟାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସଂପୃକ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ଫୋନ୍ କରି ଘଟଣା ସଂପର୍କରେ ପଚାରି ବୁଝିଥିଲେ। ଆଜି ପ୍ରଭାତୀ ପରିଡ଼ା କହିଛନ୍ତି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦଳମତ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସୁଭଦ୍ରା ଯୋଜନା କରାଯାଇଛି। ସୁଭଦ୍ରା ଯୋଜନାରେ ସାମିଲ ମହିଳାଙ୍କ ପ୍ରତି ହୋଇଥିବା ଅତ୍ୟାଚାର ପ୍ରମାଣ କରୁଛି କିଛି ଲୋକଙ୍କ ମନ୍ଦ ଉଦ୍ଦେଶ୍ୟ ଅଛି।

# ସରିଲା ଶ୍ରୀମନ୍ଦିର ରତ୍ନ ଭଣ୍ଡାରର ରାଡର୍ ସର୍ଭେ

ପୁରୀ, ୨ ୨।୯ : ଶେଷ ହେଲା ଶ୍ରୀମନ୍ଦିର ରତ୍ନ ଭଣ୍ଡାରର ରାଡର୍ ସର୍ଭେ। ଦୁଇ ଦିନ କାଳ ୩ଟି ଆ□ନା ମାଧ୍ୟମରେ ସର୍ଭେ କରି ଡାଟା ଜେନେରେଟ୍ କରିଛି ଏନ୍‌ଜିଆରଆଇ ଟିମ୍। ଚୂଡାନ୍ତ ରିପୋର୍ଟ ଆସିବା ପରେ ଦୂର ହେବ ରତ୍ନ ଭଣ୍ଡାର ଗୁପ୍ତ ସୁଡ଼ଙ୍ଗ ଓ ଗୁପ୍ତ କୋଠରୀ ସଂଶୟ। ୭ଟି ଷ୍ଟେଜରେ ସଂଗ୍ରହ ହୋଇଥିବା ସର୍ଭେ ଡାଟାକୁ ଲାବ୍ରେ ତର୍ଜମା କରାଯିବା ପରେ ମିଳିବ ପ୍ରକୃତ ତଥ୍ୟ।



ରତ୍ନ ଭଣ୍ଡାର ଚଟାଣ ତଳେ କ'ଣ ରହିଛି ? ସେ ନେଇ ଖୁବ୍ ଶୀଘ୍ର ଚୂଡାନ୍ତ ରିପୋର୍ଟ ଦେବ ଏନ୍‌ଜିଆରଆଇ ଟିମ୍। ଇଲେକ୍ଟ୍ରୋ ମ୍ୟାଗ୍ନେଟିକ୍ ୱେଭ୍ ମାଧ୍ୟମରେ ଡାଟା ସଂଗ୍ରହ କରାଯାଇଛି। ଡାଟା ଇମେଜ କ୍ୱାଲିଟିକୁ ଲାବ୍ରେ ଆସେମ୍ବଲ୍ କରାଯିବା ପରେ ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ କରିପାରିବେ ଏନ୍‌ଜିଆରଆଇ ବିଶେଷଜ୍ଞ। ଉଭୟ ଭିତର ଓ ବାହାର ରତ୍ନ ଭଣ୍ଡାରରେ ରାଡର ସର୍ଭେ କରାଯାଇଛି।

ପୂର୍ବରୁ ଏଏସଆଇ ମଧ୍ୟ ରତ୍ନ ଭଣ୍ଡାର ବାହାର କାନ୍ଥର ଲେଜର ସର୍ଭେ କରି ବିଭିନ୍ନ ଦିଗରେ ଫାଟ ଚିହ୍ନଟ କରିଥିଲା। ତେବେ ଚଳିତ ମାସ ୧୮ ତାରିଖରେ ଏନ୍‌ଜିଆରଆଇ ଟିମ୍ ମଧ୍ୟ ଲେଜର୍ ସର୍ଭେ କରିଥିଲା। ଶନିବାର ଆଉ ଗୋଟିଏ ରାଉଣ୍ଡ ସର୍ଭେ ହୋଇଥିଲା। ଆଜି ପ୍ରାୟ ୮ ଘ□। କାଳ ଭର୍ଟିକାଲ ଓ ହୋରାଇଜେ□ାଲ ସର୍ଭେ କରି ବିଭିନ୍ନ ଡାଟା ସଂଗ୍ରହ କରିଛନ୍ତି ଏନ୍‌ଜିଆରଆଇ ବୈଜ୍ଞାନିକ। ପ୍ରାୟ ଅଧ ମିଟର ଅନ୍ତରରେ ବାରମ୍ବାର ସର୍ବେକ୍ଷଣ କରାଯାଇଛି।

ଜୁଲାଇ ୧୪ ତାରିଖରୁ ରତ୍ନଭଣ୍ଡାର ଖୋଲିବା ଓ ମରାମତି ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମରାମତି ପୂର୍ବରୁ ପୂର୍ଣ୍ଣାଙ୍ଗ ବୈଷୟିକ ସର୍ଭେ ରିପୋର୍ଟ ହସ୍ତଗତ କରିବାକୁ ଏସ୍‌ଓପିରେ ଉଲ୍ଲେଖ ରହିଛି। ଆସନ୍ତାକାଲି ଭକ୍ତମାନେ ମହାପ୍ରଭୁଙ୍କୁ ବିନା ଦ୍ୱିଧାରେ ମହାପ୍ରଭୁଙ୍କୁ ଦର୍ଶନ ପାଇପାରିବେ। ତେବେ ଛତିସାନିଯୋଗ ନାୟକ କହିଛନ୍ତି ସବୁ ସର୍ଭେ କାମ ଶେଷ ହୋଇଛି। ରତ୍ନଭଣ୍ଡାର ଭିତରେ ଆଉ କିଛି କୋଠରୀ ଅଛି କି ନାହିଁ ତାହା ମହାପ୍ରଭୁ ଜାଣନ୍ତି। ହେଲେ କିଛି ଥାଇପାରେ ବୋଲି ସନ୍ଦେହ ରହିଛିୟ ରିପୋର୍ଟ ଆସିବା ପରେ ସବୁ ସ୍ପଷ୍ଟ ହୋଇଯିବ।

## ୨୭ରେ ଜିଲ୍ଲାପାଳ ସମ୍ମିଳନୀ

ଭୁବନେଶ୍ୱର, ୨୨।୯ (ମହାଭାରତ): ଆସନ୍ତା ୨୭ତାରିଖରେ ଜିଲ୍ଲାପାଳ ସମ୍ମିଳନୀ ହେବ। ରାଜ୍ୟରେ କ୍ଷମତାକୁ ଆସିବାର ପ୍ରାୟ ସାଢ଼େ ୩ମାସ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ନିଜର ପ୍ରଥମ ଜିଲ୍ଲାପାଳ ସମ୍ମିଳନୀ ଡାକିଛନ୍ତି। ସରକାରକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ପ୍ରଥମଥର ପାଇଁ ଜିଲ୍ଲାପାଳମାନେ ଭେଟିବେ।

ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ମନୋଜ କୁମାର ମହାନ୍ତି ସମସ୍ତ ଜିଲ୍ଲାପାଳ ଓ ବିଭାଗୀୟ ସଚିବମାନଙ୍କୁ ଚିଠି ଲେଖି ଆସନ୍ତା ୨୭ ତାରିଖରେ ଲୋକସେବା ଭବନର କନେଭନସନ୍ ସେଂଟରଠାରେ ଜିଲ୍ଲାପାଳ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି ।ଜିଲ୍ଲାପାଳ ସମ୍ମିଳନୀରେ କେଉଁ ସବୁ ପ୍ରସଙ୍ଗ ସ୍ଥାନ ପାଇବ ଓ ଏଜେଣ୍ଡା କଣ ରହିବ ତାହା ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଜିଲ୍ଲାପାଳ ସମ୍ମିଳନୀ ୨୭ତାରିଖରେ ଅନୁଷ୍ଠିତ ହେବ ବୋଲି ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ଜିଲ୍ଲାପାଳ ସମ୍ମିଳନୀରେ ସାମିଲ ହେବା ପାଇଁ ସମସ୍ତ ବିଭାଗର ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ ଓ ନିର୍ଦ୍ଦେଶକମାନଙ୍କୁ ଅବଗତ କରାଇବାକୁ ମଧ୍ୟ ସଚିବମାନଙ୍କୁ କୁହାଯାଇଛି।

# ପ୍ରତ୍ୟାଶା ରାୟ ପାଇବେ 'ଏକଲବ୍ୟ' ପୁରସ୍କାର

ଭୁବନେଶ୍ୱର ୨୩।୯ (ମହାଭାରତ): ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସନ୍ତରଣକାରୀ ପ୍ରତ୍ୟାଶା ରାୟଙ୍କୁ ମିଳିବ ୨୦୨୪ ମସିହାର ସମ୍ମାଜନକ 'ଏକଲବ୍ୟ ପୁରସ୍କାର'। ଆଜି ଅନୁଷ୍ଠିତ ଏକଲବ୍ୟ ପୁରସ୍କାର ଜୁରୀ କମିଟି ବୈଠକରେ ସର୍ବସମ୍ମତି କ୍ରମେ ତାଙ୍କ ଘୋଷଣା କରାଯାଇଛି। ଆଗାମୀ ଏକଲବ୍ୟ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ତାଙ୍କୁ ପୁରସ୍କାର ବାବଦକୁ ୭ ଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରାଯିବ। ଏହି ଅବସରରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଧାବକ ଦଣ୍ଡପତି ମୃତ୍ୟୁମ୍ ଜୟରାମ ଓ ବ୍ୟାଡ୍ମି□ନ ଖେଳାଳି ତନ୍ୱୀ ପତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ସେମାନଙ୍କୁ ୧.୫ ଲକ୍ଷ ଟଙ୍କା ଲେଖାଏଁ ସହିତ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯିବ।



ଭାରତର ପ୍ରମୁଖ ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ (ଇମ୍ଫା) ଦ୍ୱାରା ପରିଚାଳିତ 'ଇଣ୍ଡିଆନ୍ ମେଟାଲସ୍ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ' (ଇମ୍ପାକ୍ଟ) ୧୯୯୩ ମସିହାରେ ଏକଲବ୍ୟ ପୁରସ୍କାର ପ୍ରତିଷ୍ଠା କରିଥିଲାୟ ଜାତୀୟ ସ୍ତରର ବହୁ ପୁରସ୍କାର ସମାନ୍ତରାଳରେ ଏବେ ଏହା ଓଡ଼ିଶାର ସବୁଠାରୁ ମର୍ଯ୍ୟାଦା ଜନକ କ୍ରୀଡା ସମ୍ମାନ ରୂପେ ପ୍ରଖ୍ୟାତ। କ୍ରୀଡାକ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ଯୁବ ଓଡ଼ିଆ। କ୍ରୀଡାବିତମାନଙ୍କୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଉଛି।

# ଟ୍ରାକରେ ପୁଣି ସିଲିଣ୍ଡର

କାନପୁର, ୨ ୨।୯ : ଉତ୍ତରପ୍ରଦେଶର କାନପୁର ଦେହାତ ଜିଲ୍ଲାରେ ଟ୍ରେନକୁ ଓଲଟାଇବା ପାଇଁ ପୁଣି ଥରେ ଷଡଯନ୍ତ୍ର ହୋଇଥିବା କୁହାଯାଉଛି। ତେବେ ଏହି ଷଡ଼ଯନ୍ତ୍ର ପଣ୍ଡ ହୋଇଛି। ରେଳ ଟ୍ରାଜେଡି ଏକ ଛୋଟ ଗ୍ୟାସ ସିଲିଣ୍ଡର ଦେଖିବାକୁ ମିଳିଥିଲା। ଏହା ସହିତ ଟ୍ରେନ୍ ଧକ୍କା ହୋଇଥିଲେ ଲାଇନଚ୍ୟୁତ ହୋଇଥାନ୍ତା।



ଜିଆରପି କହିଛି ଯେ କାନପୁରଠାରୁ ୩୫ କିଲୋମିଟର ଦୂରରେ ରବିବାର ସକାଳ ୫ଟା ୫୦ରେ ଏହି ଘଟଣା ଘଟିଛି। ଏହା ପ୍ରେମପୁର ରେଳ ଷ୍ଟେସନଠାରୁ ବହୁତ ଦୂରରେ। ମାଲବାହୀ ଟ୍ରେନ୍ କାନପୁରରୁ ପ୍ରୟାଗରାଜ ଅଭିମୁଖେ ଯାଉଥିଲାୟ ପ୍ରେମପୁରରେ ମାଲବାହୀ ଟ୍ରେନ୍ ରୋକିଥିଲା। ଟ୍ରେନର ଗତି ଧୀର ଥିଲା।

ଯେତେବେଳେ ଲୋକୋ ପାଇଲଟ୍ ସିଲିଣ୍ଡରକୁ ଟ୍ରାକରେ ରଖାଯାଇଥିବା ଦେଖି ଭୟଭୀତ ହୋଇଥିଲେ। ଏହା ପରେ ଜରୁରୀକାଳୀନ ବ୍ରେକ୍ ଲଗାଯାଇଥିଲା। ତେବେ ଟ୍ରେନର ଇଞ୍ଜିନ ସିଲିଣ୍ଡର ନିକଟରେ ପହଞ୍ଚିଥିଲା। ଏହା ପରେ ଡ୍ରାଇଭର ତଳକୁ ଓହ୍ଲାଇ ଦେଖିଲେ ଯେ ୫ କିଲୋଗ୍ରାମ ଗ୍ୟାସ୍ ସିଲିଣ୍ଡର ଟ୍ରାକରେ ରଖାଯାଇଛି। ଘଟଣା ବିଷୟରେ ଲୋକୋ ପାଇଲଟ୍ ବରିଷ୍ଠ ଅଧିକାରୀଙ୍କୁ ସୂଚନା ଦେଇଥିଲେୟ ସିଲିଣ୍ଡରର ଖବର ପାଇବା ମାତ୍ରେ ରେଳବାଇରେ ଉତ୍ତେଜନା ଦେଖାଦେଇଥିଲା।

## ମାଛ ରପ୍ତାନୀ ପ୍ରତିବନ୍ଧକ ଉଠାଇଲେ ବାଂଲାଦେଶ ସରକାର

ନୂଆଦିଲ୍ଲୀ: ବାଂଲାଦେଶକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ପିଆଜ, ଆଳୁ, ଅଣ୍ଡା ପଠାଇବା ପରେ ଭାରତକୁ ଇଲିସି ମାଛ ରପ୍ତାନୀ ଉପରେ ମହମ୍ମଦ ୟୁନୁସଙ୍କ ସରକାର କଟକଣା ଉଠାଇଛନ୍ତି। ବାଂଲାଦେଶର ଆନ୍ତରୀଣ ସରକାର ହିନ୍ଦୁ ତଥା ବଙ୍ଗାଳୀଙ୍କ ବଡ଼ ପର୍ବ ଦୁର୍ଗାପୂଜା ପୂର୍ବରୁ ଇଲିସି କୂଟନୀତି ଅନ୍ତର୍ଗତ ଇଲିସି ମାଛ ରପ୍ତାନୀ ଉପରୁ ପ୍ରତିବନ୍ଧକ ଉଠାଇ ଦେଇଛନ୍ତି। ଏନେଇ ଅଧିକାରୀମାନେ ସୂଚନା ଦେଇଛନ୍ତି। ଭାରତକୁ ୩ ହଜାର ମେଟ୍ରିକ ଟନ୍ ଇଲିସି ମାଛ ରପ୍ତାନୀ ପାଇଁ ୟୁନୁସ ସରକାର ମଞ୍ଜୁରୀ ଦେଇଛନ୍ତି।

ମହମ୍ମଦ ୟୁନୁସ ସରକାର ଚଳିତ ବର୍ଷ ଘରୋଇ ବଜାରରେ କାରବାର ବଢେଇବା ପାଇଁ ଭାରତକୁ ଇଲିସି ମାଛ ରପ୍ତାନୀ ଉପରେ କଟକଣା ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଦୁର୍ଗାପୂଜା ସହିତ ଅନ୍ୟ ପର୍ବପର୍ବାଣୀରେ ଭାରତର ପୂର୍ବାଞ୍ଚଳ ରାଜ୍ୟରେ ଇଲିସି ମାଛର ଚାହିଦା ବଢ଼ିଥାଏ। ବାଂଲାଦେଶର ବାଣିଜ୍ୟ ମନ୍ତ୍ରଣାଳୟର ସୂଚନାନୁସାରେ, ଆଗାମୀ ଦୁର୍ଗାପୂଜା ଅବସରରେ ୩ ହଜାର ମେଟ୍ରିକ ଟନ୍ ଇଲିସି ମାଛ ରପ୍ତାନୀକୁ ମଞ୍ଜୁର ଦିଆଯାଇଛି।

# ଆଜିଠୁ ବଢିବ ବର୍ଷା

ଭୁବନେଶ୍ୱର, ୨୩।୯ (ମହାଭାରତ): ୨୩ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳରେ ସମ୍ଭବତଃ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଯାହାର ପ୍ରଭାବରେ ଆଗାମୀ ୫ ଦିନ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବ । ସେହିପରି କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ଆସନ୍ତା ୨୪ ଘଂଟା ପାଇଁ ୨୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହି ଜିଲ୍ଲା ଗୁଡିକ ହେଲା କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ରାୟଗଡ଼ା, ଗଜପତି, କନ୍ଧମାଳ, ଗଞ୍ଜାମ, ବୌଦ୍ଧ, ଅନୁଗୁଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଢ଼େଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ ।ସେହିପରି ୨୩ ତାରିଖ ଭୀଷଣ ବର୍ଷା ନେଇ ୧୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ମାଲକାନଗିରି, କୋରାପୁଟ,

ରାୟଗଡ଼ା, ଗଜପତି, ଗଞ୍ଜାମ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ । ଏସବୁ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହୋଇପାରେ ।

୨୪ ତାରିଖ ଭୀଷଣ ବର୍ଷା ନେଇ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, କନ୍ଧମାଳ, ଗଞ୍ଜାମ । ଏସବୁ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହୋଇପାରେ ।

ସେହିପରି ୨୫ ତାରିଖ ଭୀଷଣ ବର୍ଷା ନେଇ ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ବରଗଡ଼ । ୨୬ ତାରିଖ ଭୀଷଣ ବର୍ଷା ନେଇ ୫ ଜିଲ୍ଲା କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

# ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨ ୨।୯ ମହାଭାରତ.): ଭରତପୁର ଥାନାରେ ଭାରତୀୟ ସେନାର ମେଜର ଗୁରୁବଂଶ ସିଂ ଓ ତାଙ୍କ ବାନ୍ଧବୀଙ୍କୁ ପୁଲିସର ଅମାନବୀୟ ନିର୍ଯାତନା ଅଭିଯୋଗ ସମଗ୍ର ଦେଶରେ ଚାଂଚଲ୍ୟ ସୃଷ୍ଟି କରିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ଏବେ ଓଡ଼ିଶା ପୁଲିସର କ୍ରାଇମବ୍ରାଂଚ କରୁଥିବାବେଳେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚସ୍ତରୀୟ ବୈଠକ ପରେ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ବୈଠକରେ ଦୁଇ ଉପମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀ ଉପସ୍ଥିତ ରହିଥିଲେ।

କ୍ରାଇମବ୍ରାଞ୍ଚ ତଦନ୍ତର ମନିଟରିଂ କରିବେ ଜଣେ ହାଇକୋର୍ଟ ବିଚାରପତି। ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ହେବ ତଦନ୍ତ। ହାଇକୋର୍ଟଙ୍କ ତଦାରଖରେ କ୍ରାଇମବ୍ରାଞ୍ଚଳ ତଦନ୍ତ ତ୍ୱରାନ୍ୱିତ ହେବ। ୬୦ ଦିନ ମଧ୍ୟରେ ଆସିବ ରିପୋର୍ଟ। ଏହାପରେ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘଟଣାକୁ ନେଇ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ ହୋଇଥିଲା। ମନ୍ତ୍ରୀସ୍ତରୀୟ କମିଟି ଆଗରେ ମେଜରଙ୍କ ବାନ୍ଧବୀ ଅଭିଯୋଗ ଆଣିଛନ୍ତି।

ଏହି ମାମଲାର ତଦନ୍ତ ଏବେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରୁଛି। ଏଥିରେ ଦୁଇଟି ମାମଲା ରୁଜୁ କରାଯାଇଛି। ଗୋଟିଏ ମାମଲା ମେଜର ଓ ତାଙ୍କ ବାନ୍ଧବୀଙ୍କ ନାଁରେ ଓ ଅନ୍ୟଟି ୫ ପୋଲିସ ଅଧିକାରୀ ଓ ରୋଡ୍ ରୋମିଓଙ୍କ ନାଁରେ ହୋଇଛି। ନିଲମ୍ବିତ ୫ ପୋଲିସ କର୍ମଚାରୀଙ୍କ ସହ ମେଜର ଗୁରୁବଂଶ ସିଂ ଓ ତାଙ୍କ ବାନ୍ଧବୀଙ୍କର ଲାଏ ଡିଟେକ୍ସନ ଟେଷ୍ଟ ହେବ ବୋଲି ସୂଚନା ମିଳିଛି।



କ୍ରାଇମବ୍ରାଞ୍ଚ ୧୨୦ ବାଟାଲିୟନର ମେଜର ଗୁରୁବଂଶ ସିଂଙ୍କୁ ପଚରାଉଚରା କରିଛି। ମେଜରଙ୍କଠାରୁ ଘଟଣା ରାତିର ଟିକିନିକି ଖବର ନେଇଛି ତଦନ୍ତକାରୀ ଦଳ। ବିଶେଷକରି ଥାନାରେ କଣ ହେଲା, କିଭଳି ଥିଲା ପୋଲିସର ଆଚରଣ ତାକୁ ନେଇ ଗୁଡେଇ ତୁଡେଇ ପ୍ରଶ୍ନ କରୁଛନ୍ତି ଟିମ ଅଧିକାରୀ। ସେ ପହଞ୍ଚିବା ବେଳେ ଥାନାରେ କିଏ ଥିଲେ, କିଭଳି ସେମାନଙ୍କ ସହ ପୋଲିସ ବ୍ୟବହାର କରିଥିଲା, ପରେ ଆଇଆଇସି ଆସି କଣ କଲେ, ଏମିତି ବିଭିନ୍ନ ପ୍ରଶ୍ନ କରିଛି କ୍ରାଇମବ୍ରା। ସେପଟେ ଘଟଣାକୁ ନେଇ ମେଜରଙ୍କ ବାନ୍ଧବୀଙ୍କ ବୟାନ ମଧ୍ୟ ରେକର୍ଡ କରିସାରିଛି କ୍ରାଇମବ୍ରାଞ୍ଚ । ଉଭୟଙ୍କୁ ଆଗପଛ କରି ଜେରା କରି ଉଭୟଙ୍କ ବୟାନରେ ଥିବା

ପ୍ରଭେଦକୁ ଖିଅ କରିବ ବୋଲି କୁହାଯାଉଛି। ସେପଟେ ଘଟଣାରେ ନିଲମ୍ବିତ ହୋଇଥିବା ପୋଲିସ କର୍ମଚାରୀଙ୍କ ପାଇଁ ଆଗେଇ ଆସିଛି ରାଜ୍ୟ ପୋଲିସ କର୍ମଚାରୀ ସଂଘ। ଆଜି ନିଲମ୍ବିତ ପୋଲିସଙ୍କ ପରିବାର ସହ ବହୁ ପୋଲିସ କର୍ମଚାରୀଙ୍କ ପରିବାର ୧୨୦ ବାଟାଲିୟନ ସମ୍ମୁଖରେ ପ୍ରଦର୍ଶନ କରିଛନ୍ତି।

ସେହିପରି ପୋଲିସ ସଂଘ ପକ୍ଷରୁ ମଧ୍ୟ ନିଲମ୍ବିତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଉପରୁ ନିଲମ୍ବନ ଉଠାଇବାକୁ ଦାବି ହୋଇଛି। ସଂଘ କହିଛି, ହୋଇଥିବା ଅଭିଯୋଗ ଯଦି ସତ ହୋଇଥାଏ ତେବେ ଏହା ଏକ ଜଘନ୍ୟ ଘଟଣା। ତେବେ ବର୍ତ୍ତମାନ ତଦନ୍ତ ଚାଲିଛି ତଦନ୍ତ ପରେ କେହି ଦୋଷୀ ମିଳିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଆବଶ୍ୟକ ବିନା ଦୋଷୀ ସାବ୍ୟସ୍ତ ହୋଇ ନିଲମ୍ବନ ଉଚିତ ନୁହେଁ ବୋଲି ସଂଘ ପକ୍ଷରୁ କୁହାଯାଉଛି ।

ଭରତପୁର ଥାନା ମାମଲାରେ କ୍ରାଇମବ୍ରାଞ୍ଚ ତନାଘନା କରୁଛି। କ୍ୟାପଟେନ୍ ଏବଂ ତାଙ୍କ ବାନ୍ଧବୀଙ୍କୁ ଆକ୍ରମଣ ଘଟଣାରେ ବିଭିନ୍ନ ଦିଗ ନେଇ ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ ଟିମ। ଭୁବନେଶ୍ୱର ୧୨୦ ବାଟାଲିୟନରେ କ୍ରାଇମବ୍ରାଞ୍ଚ୍ ଟିମ୍ କ୍ୟାପଟେନ୍ ଗୁରବନ୍ତ ସିଂହ ଏବଂ ତାଙ୍କ ବାନ୍ଧବୀଙ୍କୁ ପଚରାଉଚୁରା ଚାଲିଛି । ଥାନାରେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ କେଉଁ ପ୍ରକାର ବ୍ୟବହାର କରାଯାଇଥିଲା ।

## ଆଳୁ ମଖନି



**ଆବଶ୍ୟକୀୟ ସାମଗ୍ରୀ :** ଆଳୁ, ଜିରା, କାଜୁ, ହଳଦୀ ଗୁଣ୍ଡ, ଗରମ ମସଲା, ଲଙ୍କା ଗୁଣ୍ଡ , ଦହି, କ୍ଷୀର, ଅଦା, ରସୁଣ, ଫ୍ରେଶ୍ କ୍ରିମ, ତେଲ, ଘିଅ ଓ ଲୁଣ ।

**ପ୍ରସ୍ତୁତ ପ୍ରାଣଳୀ :** ପ୍ରଥମେ ଅଦା, ରସୁଣ ଓ କାଜୁକୁ ମିଶାଇ ପେଷ୍ଟ ତିଆରି କରନ୍ତୁ । ସେହିପରି ଅଳ୍ପ କିଛି କାଜୁ ଭାଜି ରଖନ୍ତୁଓ ଆଳୁକୁ ଫ୍ରାଏ କରନ୍ତୁ । ଏଗୁଡିକୁ ବେଶୀ ଲାଲ୍ କରିବେ ନାହିଁ । ଆଳୁ ଗୋଲ୍ଡେନ କଲର ହୋଇଆସିଲେ ଏହାକୁ ଏକ ପ୍ଲେଟକୁ ବାହାର କରନ୍ତୁ ।

ଏହାପରେ ଅନ୍ୟ ଏକ କଡେଇରେ ଘିଅ ଗରମ କରି ଜିରା ପକାନ୍ତୁ । ଜିରା ଫୁଟିଗଲା ପରେ ସେଥିରେ ଭଜା କାଜୁ, ହଳଦୀ ଗୁଣ୍ଡ, ଗରମ ମସଲା, ଲଙ୍କା ଗୁଣ୍ଡ ଓ ଅଦା ରସୁଣ କାଜୁ ପେଷ୍ଟ ପକାଇ ଦୁଇ ମିନିଟ୍ ପର୍ଯ୍ୟନ୍ତ କଷନ୍ତୁ । ଏହାପରେ ଫ୍ରାଏ କରି ରଖିଥିବା ଆଳକୁ ପକାଇ ଆଉ କିଛି ସମୟ ମସଲାକୁ କଷନ୍ତୁ ।

ମସଲା ଭଲ ଭାବେ କଷି ହୋଇଗଲେ ଗ୍ୟାସର ଆଞ୍ଚ ଧିମା କରି ଦହି, କ୍ଷୀର, ପାଣି , ଅଳ୍ପ ଫ୍ରେଶ କ୍ରିମ୍ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାନ୍ତୁ । ସିଝିବା ପାଇଁ ଏହାକୁ ୩ ମିନିଟ୍ ଛାଡି ଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ଆଳୁ ମଖନି' ।

## ଖବର

# ଆମିର-କିରଣ ପୁଣି ଏକାଠି ହେବେ



ବଲିଉଡ ଚଳଚ୍ଚିତ୍ର ନିର୍ମାତା କିରଣ ରାଓଙ୍କ ଫିଲ୍ମ 'ଲାପତା ଲେଡିଜ୍' ଦର୍ଶକଙ୍କୁ ବହୁତ ପସନ୍ଦ ଆସିଛି । ଏହି ଚଳଚ୍ଚିତ୍ରଟି କିରଣ ରାଓଙ୍କ ପୂର୍ବତନ ସ୍ୱାମୀ ଆମିର ଖାନଙ୍କ ଦ୍ୱାରା ନିର୍ମିତ ହୋଇଥିଲା । 'ଲାପତା ଲେଡିଜ୍ର କାହାଣୀକୁ ଦର୍ଶକ ତଥା ସମାଲୋଚକମାନେ ମଧ୍ୟ ପସନ୍ଦ କରିଥିଲେ । 'ଲାପତା ଲେଡିଜ୍' ପରେ କିରଣଙ୍କ ଆଗାମୀ ପ୍ରୋଜେକ୍ଟକୁ ଦର୍ଶକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ତାଙ୍କର ଆଗାମୀ ପ୍ରୋଜେକ୍ଟ ବିଷୟରେ କିରଣ କହିଛନ୍ତି ଯେ ସେ ପୁଣିଥରେ ଆମିରଙ୍କ ସହ ଏକାଠି କାମ କରିବେ । କିରଣଙ୍କୁ ପଚରାଯାଇଥିଲା କି ସେ ପୁଣି ଆମିରଙ୍କ ସହ କାମ କରିବେ କି ? କିରଣ କହିଛନ୍ତି, ହଁ ଅବଶ୍ୟ ଆମେ ଭବିଷ୍ୟତରେ ଏକାଠି କାମ କରିବୁ । ସେହି ପ୍ରୋଜକ୍ଟେ କ'ଣ ହେବ ମୁଁ ଜାଣେ ନାହିଁ । କିନ୍ତୁ ମୁଁ ତାଙ୍କ ସହିତ କାମ କରିବାକୁ ଭଲ ପାଏ । ଆପଣ ଜାଣନ୍ତି ସେ ଜଣେ ନିର୍ମାତା । ଯେତେବେଳେ ଆମିର ସ୍କ୍ରିପ୍ଟକୁ ପସନ୍ଦ କରିବେ, ଆମେ ନିଶ୍ଚିତ ଭାବରେ ଏକାଠି କାମ କରିବୁ ।ତାଙ୍କୁ ପଚରାଯାଇଥିଲା କି ଆମିର ଜଣେ ନିର୍ମାତା ହେବେ ନା ଆପଣଙ୍କ ଫିଲ୍ମରେ ଜଣେ ଅଭିନେତା ଭୂମିକାରେ ଅଭିନୟ କରିବେ ? କିରଣ ଉ□ର ଦେଇଥିଲେ, ମୁଁ ଏପର୍ଯ୍ୟନ୍ତ ଜାଣି ନାହିଁ । ବର୍ତ୍ତମାନ ମୋର ସମ୍ପୂର୍ଣ୍ଣ ଧ୍ୟାନ କାହାଣୀ ଉପରେ ଅଛି । ଏହା ପରେ ଯାହା ଘଟିବ ତାହା ଦେଖିବାକୁ ବାକି ରହିଲା । ଭବିଷ୍ୟତରେ ମୁଁ ନିଶ୍ଚିତ ଭାବେ ତାଙ୍କ ସହିତ କାମ କରିବି । କିରଣ ଲାପତା ଲେଡିଜ୍ର ନିର୍ଦ୍ଦେଶନା ଦେଇଥିଲେ । ୱାର୍କ ଫ୍ର□ ବିଷୟରେ କହିବାକୁ ଗଲେ ଆମିର ବର୍ତ୍ତମାନ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ସୀତାରେ ଜମିନ୍ ପର'ଉପରେ କାମ କରୁଛନ୍ତି । ଏହି ଚଳଚ୍ଚିତ୍ରରେ ଆମିରଙ୍କ ସହ ମୁଖ୍ୟ ଭୂମିକାରେ ଜେନେଲିଆ ଡି'ସୁଜା ଏବଂ ଦାର୍ଶେଲ ସଫାରି ପ୍ରମୁଖ ଅଭିନୟ କରିଛନ୍ତି ।ଏହା ସହିତ ଆମିର'ଲାହୋର ୧୯୪୭' ଚଳଚ୍ଚିତ୍ର ମଧ୍ୟ ପ୍ରସ୍ତୁତ କରୁଛନ୍ତି । ଏହି ସିନେମାରେ ସନି ଦେଓଲ ଏବଂ ପ୍ରୀତି ଜିଣ୍ଟା ମୁଖ୍ୟ ଭୂମିକାରେ ଅଛନ୍ତି । ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ରାଜକୁମାର ସନ୍ତୋଷୀ । ଏହି ଫିଲ୍ମକୁ ନେଇ ଅନେକ ଗୁଜବ ରହିଛି । ଦୀର୍ଘ ସମୟ ପରେ ଆମିର ଏବଂ ପ୍ରୀତିଙ୍କୁ ପରଦାରେ ଦେଖି ପ୍ରଶଂସକମାନେ ବହୁତ ଉତ୍ସାହିତ ଅଛନ୍ତି ।

## ଘରକରଣା



- ଗୋଲାପ ଜାମୁ ନରମ ଏବଂ ଭଲ ହେବା ପାଇଁ ଗୋଲାପଜାମୁ ସାମଗ୍ରୀକୁ ୧୦ ମିନିଟ୍ ପର୍ଯ୍ୟନ୍ତ ପ୍ରେସରକୁକରରେ ବସାଇ ୧୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ତା'ପରେ ପ୍ରସ୍ତୁତ କରନ୍ତୁ।
- ଦହିବରା ସଫେଦ ଏବଂ ମୁଲାୟମ ହେବାପାଇଁ ଡାଲିରେ କିଛି ମଇଦା ମିଶାନ୍ତୁ।
- ଟମାଟୋ କ୍ୟାଚଅପ ପ୍ରସ୍ତୁତି ସମୟରେ ଟମାଟୋ ସହିତ ଖଟା ଅଙ୍ଗୁର ମିଶାନ୍ତୁ। କ୍ୟାଚଅପ ସ୍ୱାଦିଷ୍ଟ ହେବ।
- ଅଣ୍ଡା ଫେଣ୍ଟିବା ସମୟରେ ସେଥିରେ କିଛି ଲେମ୍ବୁରସ ମିଶାଇଲେ ଆମଲେଟ ଭଲ ହୁଏ। ଯଦି ଏଥିରେ ଦହି ମିଶାଇବେ ଆମଲେଟର ସ୍ୱାଦ ଦ୍ୱିଗୁଣ ହେବ।
- ଇଡ୍ଲି ଘୋଳ ଅଧିକ ପତଳା ହୋଇଗଲେ ସେଥିରେ ଭଜା ରାଓ୍ୱାମିଶାଇ ଦିଅନ୍ତୁ।
- ନିଜର କିଚେନ ଗେଜେଟ୍ସରେ ସର୍ବଦା ଥ୍ରୀପିନ ପ୍ଲଗ ବ୍ୟବହାର କରନ୍ତୁ। କାରଣ ଟୁପିନ ପ୍ଲଗରେ କରେଣ୍ଟ ମାରିବାର ଭୟଥାଏ।
- ଫ୍ରିଜରେ କିଛି ଲୁଣ ପକାଇଦେଲେ ଆଇସଟ୍ରେ ଫ୍ରିଜର ଭିତରେ ଲାଗିଯାଏ ନାହିଁ।
- ବିଜୁଳି ସକେଟ ଏବଂ ଗ୍ୟାସ ଚୁଲା ମଧ୍ୟରେ ସର୍ବଦା ପର୍ଯ୍ୟାପ୍ତ ବ୍ୟବଧାନ ରଖନ୍ତୁ।
- ରୋଷେଇ ଘର ଝରକାରେ ଜାଲି ଲଗାନ୍ତୁ। ଫଳରେ ପବନ ପାସ୍ ହେବା ଏବଂ ନିଆଁ ଲାଗିବାର ଭୟ ରହିବ ନାହିଁ।
- ସପ୍ତାହକୁ ଥରେ ନିମ୍ବପତ୍ରକୁ ପାଣିରେ ସିଝାଇ ସେହିପାଣିରେ ଘର ସଫା କରନ୍ତୁ। ଘରର ବିଷାକ୍ତ କୀଟାଣୁ ମରିଯିବେ।
- ବିସ୍କୁଟକୁ ଅଧିକ ଦିନ ସତେଜ ତଥା କୁଡ୍କୁଡ୍ ରଖିବା ପାଇଁ ସେଥିରେ କିଛି ଚିନି ପକାଇ ଦିଅନ୍ତୁ।
- ଡାଲିରେ ଲୁଣ ଅଧିକ ହୋଇଗଲେ ସେଥିରେ କିଛି ଜିରାଗୁଣ୍ଡ ଓ ନଡିଆ କାଟି ପକାଇ ଦିଅନ୍ତୁ।

# ଶୁକ୍ରଙ୍କ କୃପା ପାଇବାର ସରଳ ଉପାୟ

ଜ୍ୟୋତିଷ ଶାସ୍ତ୍ରରେ ଶୁକ୍ର ଦେବ ଅଥବା ଶୁକ୍ର ଗ୍ରହଙ୍କୁ ସୁଖସମୃଦ୍ଧିର କାରକ ବୋଲି କୁହାଯାଏ। ଶୁକ୍ରଗ୍ରହଙ୍କୁ ପ୍ରେମ ସମ୍ବନ୍ଧର କାରକ ବୋଲି ମଧ୍ୟ କୁହାଯାଏ। ଶୁକ୍ରଙ୍କ ଶୁଭଫଳ ପ୍ରାପ୍ତି ପାଇଁ ଶୁକ୍ରବାର ଖୁବ ଶୁଭ ଦିନ ବୋଲି ମାନ୍ୟତା ରହିଛି। ଶୁକ୍ରଙ୍କ କୃପାରୁ ସୁଖଶାନ୍ତି, ସମୃଦ୍ଧି, ବୈଭବ ଓ ଘରେ ଆର୍ଥିକ ଉନ୍ନତି ହୋଇଥାଏ। ତେବେ ଜାଣନ୍ତୁ ଶୁକ୍ରବାର ପାଇଁ କିଛି ସରଳ ଉପାୟ.

ଶୁକ୍ରବାର ଦିନ ପ୍ରାତଃ ସମୟରେ ଉଠି ସ୍ନାନ କରି ସ୍ୱଚ୍ଛ ବସ୍ତ୍ର ଧାରଣ କରି ମା'ଲକ୍ଷ୍ମୀଙ୍କୁ ପ୍ରଣାମ କରନ୍ତୁ। ମା'ଙ୍କ ନିକଟରେ ପ୍ରାର୍ଥନା କରନ୍ତୁ। ପଦ୍ମ ଫୁଲ ଅର୍ପଣ କରନ୍ତୁ।

ଶୁକ୍ରବାର ଦିନ ଖିରି ପ୍ରସ୍ତୁତ କରି ସେଥିରେ କିଛି କେସର ପକାନ୍ତୁ। ଏହାପରେ ମା'ଲକ୍ଷ୍ମୀଙ୍କ ନିକଟରେ ଏହି ଖିରୀ ଭୋଗ କରନ୍ତୁ। ଆଉ କିଛି ଖିରୀକୁ ୩ଟି ଶିଶୁ କନ୍ୟାକୁ ଖାଇବାକୁ ଦିଅନ୍ତୁ। ଏହାସହ କିଛି ଦକ୍ଷିଣା ଓ ହଳଦିଆ ବସ୍ତ୍ର ମଧ୍ୟ ଦିଅନ୍ତୁ।

ଏହା ଦ୍ୱାରା ମା'ଙ୍କ ଖୁବ କୃପା ମିଳିଥାଏ। ପତିପତ୍ନୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ପାଇଁ ଶୁକ୍ରବାର ଦିନ ପ୍ରେମୀ ପକ୍ଷୀଯୁଗଳଙ୍କ ସୋପିସ୍ ଆଣି ଶୟନ କକ୍ଷରେ ରଖନ୍ତୁ।ଶୁକ୍ରବାର ଦିନ ଧବଳ ବସ୍ତ୍ର,ଅତର (ପରଫ୍ୟୁମ) ଆଦି ଦାନ କରନ୍ତୁ। ଏହାଛଡା ନିଜେ



ମଧ୍ୟ ପରଫ୍ୟୁମ ବ୍ୟବହାର କରନ୍ତୁ। ଜାତକରେ ଶୁକ୍ରଙ୍କ ଉତ୍ତମ ସ୍ଥିତି ପାଇଁ ଶୁକ୍ରବାର ଦିନ ଶୁକ୍ର ସ୍ତୋତ୍ର ପାଠ କରନ୍ତୁ। ଏହାଦ୍ୱାରା ଶୁକ୍ରଙ୍କ ଉତ୍ତମ ଓ ଶୁଭଫଳ ପ୍ରାପ୍ତି ହୋଇଥାଏ।

# ବାସ୍ତୁ: ପୂର୍ବ-ଉତ୍ତର ଦିଗକୁ ମୁହଁ କରି ଖାଇବା ଉଚିତ







ବାସ୍ତୁ ଶାସ୍ତ୍ରରେ ଦିଗକୁ ସବୁଠୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଇଥାଏ। ଏପରିକି ଭିନ୍ନ ଭିନ୍ନ ଜିନିଷ ପାଇଁ ବାସ୍ତୁ ଶାସ୍ତ୍ରରେ ଭିନ୍ନ ଭିନ୍ନ ଦିଗ ଚୟନ କରାଯାଇଛି। ଘର କରିବା ସମୟରେ ଠିକ୍ ଦିଗରେ ମନ୍ଦିର ଘର, ଶୋଇବା ଘର, ଷ୍ଟୋର ରୁମ୍ ସମେତ ଖାଇବା ଜାଗା ହୋଇ ନ ଥିଲେ ତାହାର ଓଲଟା ଫଳ ମିଳିଥାଏ । ତେଣୁ ବାସ୍ତୁ ଶାସ୍ତ୍ର ଅନୁଯାୟୀ, କେଉଁ ଦିଗକୁ ମୁହଁ କରି ଖାଇଲେ ଶୁଭ ଫଳ ମିଳିଥାଏ ଆଜି ସେ ବିଷୟରେ ଜାଣିବା।

ବାସ୍ତୁ ଅନୁଯାୟୀ, ସବୁବେଳେ ମୁହଁକୁ ପୂର୍ବ ଦିଗ କିମ୍ବା ପୂର୍ବ-ଉତ୍ତର ଦିଗକୁ କରି ଖାଇବା ଉଚିତ । ଏହି ଦିଗ ଦେବତାଙ୍କ ଦିଗ ବୋଲି ବିଶ୍ୱାସ ରହିଛି। ଏହି ଦିଗକୁ ମୁହଁ କରି ଖାଇଲେ ରୋଗ ଦୂର ହୋଇଥାଏ।

-ଦକ୍ଷିଣ ଦିଗକୁ ମୁହଁ କରି ଖାଇବାକୁ ଅଶୁଭ ବିବେଚନା କରାଯାଇଥାଏ। ଏହାଦ୍ୱାରା ପାଚନଜନିତ ସମସ୍ୟା ଦେଖାଦେଇଥାଏ।

-ଦକ୍ଷିଣ ଦିଗକୁ ମୁହଁ କରି ଖାଇଲେ ମାନ ସମ୍ମାନରେ ଆଞ୍ଚ ଆସିଥାଏ।

- ପୂର୍ବ କିମ୍ବା ଉତ୍ତର ଦିଗକୁ ମୁହଁ କରି ଖାଇବା ଦ୍ୱାରା ଭାଗ୍ୟ ଉଜ୍ଜଳ ହୋଇଥାଏ ।

-ଖାଇବା ପୂର୍ବରୁ ହାତ ମୁହଁ ଧୋଇବା ଦ୍ୱାରା ଆୟୁ ବଢ଼ିଥାଏ।

-ଫଟା ବାସନରେ ଖାଇବାକୁ ଅଶୁଭ ବିବେଚନା କରାଯାଏ।

-ଚେୟାରରେ ବସି ଖାଉଥିଲେ ଗୋଡ଼ ହଲାନ୍ତୁ ନାହିଁ, ଏହାକୁ ଦୁର୍ଭାଗ୍ୟ ବୋଲି ବିବେଚନା କରାଯାଇଥାଏ।

-ଖାଇବା ପାତ୍ର ଭଲ ଭାବେ ଧୁଆ ହେବା ଉଚିତ । ଅଇଁଠା ବାସନରେ ଖାଇଲେ ଲକ୍ଷ୍ମୀଙ୍କ କୋପ ପଡ଼ିଥାଏ।

- ଖାଇବା ଟେବୁଲକୁ କେବେ ବି ଫାଙ୍କା ଛାଡ଼ନ୍ତୁ ନାହିଁ । ଉକ୍ତ ଟେବୁଲରେ କିଛି ନା କିଛି ରଖିବା ଦ୍ୱାରା ଉନ୍ନତି ହୋଇଥାଏ।

# କେଶର ଯତ୍ନ ; ମହୁ, ଲେମ୍ବୁରସ

ପ୍ରତ୍ୟେକଙ୍କୁ ଲମ୍ବା, ଘନ କେଶ ଖୁବ ପସନ୍ଦ। ମାତ୍ର ପ୍ରଦୂଷଣ, ଅପରିଷ୍କାର, ଖାଦ୍ୟପେୟ ଆଦି କାରଣରୁ କେଶ ଜନିତ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। କେଶ ପାଇଁ ଏକ ମୁଖ୍ୟ ସମସ୍ୟା ହେଉଛି



ରୂପି। ଏଥିରେ ମୁକ୍ତି ପାଇବା ପାଇଁ ଲୋକେ ବଜାରରେ ମିଳୁଥିବା ବହୁ ଦ୍ରବ୍ୟର ବ୍ୟବହାର କରିଥାଆନ୍ତି। ମାତ୍ର ସହଜ ଘରୋଇ ଉପାୟରେ ଏହି ରୂପି ଜନିତ ସମସ୍ୟାରୁ ମୁକ୍ତି ମିଳିପାରିବ। ଜାଣନ୍ତୁ

ମହୁ ଓ ରସୁଣ -
୨ଚାମଚ ମହୁରେ ୩ ଚାମଚ ରସୁଣ ପେଷ୍ଟ ମିଶାଇ କେଶ ମୂଳରେ ଲଗାନ୍ତୁ। ୧୫ ମିନିଟ ରଖିବା ପରେ ସାମ୍ପୁ କରି ଦିଅନ୍ତୁ। ଏହାକୁ ସପ୍ତାହକୁ ୨ ଥର ଲଗାନ୍ତୁ।

ରସୁଣ ପେଷ୍ଟ -
ରସୁଣ ପେଷ୍ଟ କେଶ ମୂଳରେ ଲଗାଇ ୨୦ ମିନିଟ ରଖନ୍ତୁ। ଏହାପରେ ଏହାକୁ ଧୋଇ ଦିଅନ୍ତୁ। ଏହାମଧ୍ୟ କେଶ ପାଇଁ ଖୁବ ଉତମ ଅଟେ। ଏହାକୁ ସପ୍ତାହକୁ ଥରେ ନିଶ୍ଚୟ ଲଗାନ୍ତୁ।

ଘିକୁଆଁରୀ ଓ ରସୁଣ -
୨ ଚାମଚ ଘିକୁଆଁରୀ ରସରେ ୩ ଚାମଚ ରସୁଣ ପେଷ୍ଟ ମିଶାଇ ଏହାକୁ କେଶର ମୂଳରେ ଲଗାନ୍ତୁ। ଏହାପରେ ଏହାକୁ ୧୫ ରୁ ୨୦ ମିନିଟ ରଖନ୍ତୁ। ନିର୍ଦ୍ଧାରିତ ସମୟ ପରେ କେଶକୁ ଧୋଇ ଦିଅନ୍ତୁ। ଏହା ରୂପିକୁ ସମ୍ପୂର୍ଣ୍ଣ ଦୂର କରିଥାଏ।

ସେଓର ସିରକା ଓ ରସୁଣ ରସ: ୧ ଚାମଚର ରସୁଣ ରସରେ ୨ ଚାମଚ ସେଓର ସିରକା ମିଶାଇ ଏହାକୁ କେଶ ମୂଳରେ ଲଗାଇ ୨୦ ମିନିଟ ରଖନ୍ତୁ। ଏହା ପରେ ସାମ୍ପୁ କରି ଦିଅନ୍ତୁ। ଏହା ମଧ୍ୟ କେଶରୁ ରୂପି ଦୂର କରିଥାଏ।

ରସୁଣ ପେଷ୍ଟ ଓ ଲେମ୍ବୁ ରସ: ରସୁଣ ପେଷ୍ଟ ଓ ଲେମ୍ବୁ ରସକୁ କେଶର ମୂଳରେ ଲଗାନ୍ତୁ। ଏହାକୁ ୧୫ ରୁ ୨୦ ମିନିଟ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏହାକୁ ନିଶ୍ଚୟ ଲଗାନ୍ତୁ। ଏପରି କରିବା ଦ୍ୱାରା ରୂପି ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# ପ୍ୟାରିସ୍ ଅଲିମ୍ପିକ୍ସ ଓ ପାରାଅଲିମ୍ପିକ୍‌ରେ ଅଂଶଗ୍ରହଣ କରିଥିବା କିଟ୍‌ର ୧୭ ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨୨।୯ (ମହାଭାରତ):** ଚଳିତବର୍ଷ ପ୍ୟାରିସ ଅଲିମ୍ପିକ୍ସ ଓ ପରାଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା କିଟ୍‌ର ୧୭ଜଣ ଖେଳାଳିଙ୍କୁ ଆଜି କିଟ୍ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ କିଟ୍‌ର ୧୫ ଜଣ ଅଲିମ୍ପିଆନ୍ ଓ ୨ଜଣ ପାରାଅଲିମ୍ପିଆନ୍‌ଙ୍କୁ ସମ୍ମାନୀତ କରାଯିବା ସହ ପ୍ରତ୍ୟେକ ଖେଳାଳିଙ୍କୁ ୭ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କିଟ୍ ସର୍ବଦା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ଦିଗରେ କାର୍ଯ୍ୟ କରିଆସୁଛି। ଅଲିମ୍ପିକ୍ସକୁ ସର୍ବାଧିକ ଖେଳାଳି ପଠାଇ କିଟ୍ ନିଜକୁ ଗୌରବାନ୍ୱିତ ମନେକରେ। କିଟ୍ ଓ କିସ୍‌ରୁ ଏପର୍ଯ୍ୟନ୍ତ ମୋଟ ୨୦ ଜଣ ଅଲିମ୍ପିଆନ୍, ୨ଜଣ ପାରାଅଲିମ୍ପିଆନ୍ ତିଆରି ହୋଇସାରିଲେଣି। ସେମାନେ ୨୦୧୬ ରିଓ ଅଲିମ୍ପିକ୍ସ, ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତର ପ୍ରତିନିଧିତ୍ୱ କରିଥିବା ବେଳେ ୧୭ଜଣ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ଓ ପରାଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ୭ଜଣ ଅର୍ଜୁନ ପୁରସ୍କାରପ୍ରାପ୍ତ ଖେଳାଳି ମଧ୍ୟ ରହିଛନ୍ତି ବୋଲି ଶ୍ରୀ ସାମନ୍ତ କହିଥିଲେ। ସୂଚନାଯୋଗ୍ୟ, ଗତ ଜୁଲାଇ ମାସରେ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା କିଟ୍‌ର ଏହି ଖେଳାଳିଙ୍କ ପାଇଁ କିଟ୍ ପକ୍ଷରୁ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ଆର୍ଥିକ ପୁରସ୍କାର ଘୋଷଣା କରିଥିଲେ। ଘୋଷଣା ମୁତାବକ ଆଜି ସମସ୍ତଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।

ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅମିତ ରୋହିଦାସ (ହକି), କିଶୋର କୁମାର ଜେନା ଓ ଅନ୍ନୁ ରାଣୀ (ଜାଭେଲିନ୍ ଥ୍ରୋ), ତେଜିନ୍ଦରପାଲ ସିଂହ ତୁର (ସଟ୍‌ପୁଟ୍), ପାରୁଲ ଚୌଧୁରୀ (୫ହଜାର ମିଟର ଷ୍ଟିପଲଚେଜ୍), ଜ୍ୟୋତି ୟାରାଜି (୧୦୦ ମିଟର ହର୍ଡଲ୍‌ସ), ପ୍ରିୟଙ୍କା (୨୦ କିମି ରେସ୍ ୱାକ୍), ପ୍ରାଚୀ ଓ ଏମ୍ ଆର୍ ପୁଭାମା (୪ ଗୁଣା ୪୦୦ମିଟର ରିଲେ), ପରମଜିତ୍ ସିଂହ ବିଷ୍ଟ, ଅକ୍ଷଦୀପ ସିଂହ ଓ ବିକାଶ ସିଂହ (୨୦ କିମି ରେସ୍ ୱାକ୍), ଅଙ୍କିତା (୫ହଜାର ମିଟର ଦୌଡ଼), ରାମପାଲ୍ ସିଂହ ଓ ପ୍ରବୀଣ କୁମାର (ପରାଆଥଲେଟ୍ ଉଚ୍ଚଡିଆଁ), କିରଣ (୪ଶହ ମିଟର ଦୌଡ଼) ଏବଂ ସୂରଜ ପନୱାର (ମାରାଥନ୍ ରେସ୍‌ୱାକ୍)ଙ୍କୁ ସମ୍ବର୍ଦ୍ଧନା ସହ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସେହିପରି ଆଜି ୪ର୍ଥ ଦକ୍ଷିଣ ଏସିଆ କନିଷ୍ଠ ଦୌଡ଼କୁଦ ଚାମ୍ପିଅନସିପ୍ ୨୦୨୪ ଓ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନ୍‌ସିପ୍ ୨୦୨୪ରେ ପଦକ ଜିତିଥିବା କିଟ୍ ଓ କିସ୍ ଖେଳାଳିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଖେଳାଳି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବା ସହ ଅଲିମ୍ପିକ୍ସ ପୂର୍ବରୁ ସେମାନଙ୍କ ପାଇଁ ଶ୍ରୀ ସାମନ୍ତ ଘୋଷଣା କରିଥିବା ଆର୍ଥିକ ପୁରସ୍କାର ସେମାନଙ୍କ ମନୋବଳ ବୃଦ୍ଧି କରିଥିବା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ତାରକା ଖେଳାଳି ଅନୁରାଧା ବିଶ୍ୱାଳ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଦୂତୀ ଚାନ୍ଦ, ଅମିୟ ମଲ୍ଲିକ୍, ଶ୍ରୀବଣୀ ନନ୍ଦ, ମୀନତି ମହାପାତ୍ର, କିଟ୍ ଛାତ୍ରୀ ଅଲିମ୍ପିଆନ୍ ଭବାନୀ ଦେବୀ, ଆଭା ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଓ ଯୋଗ ବିଭାଗ ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଖେଳାଳିଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ନୂଆସାହି ମହାବୀର ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ଓ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୨୨।୯ (ମହାଭାରତ):** ଶୁକ୍ରବାର ସନ୍ଧ୍ୟାରେ ମହାବୀରଙ୍କ ପୂଜାପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଥିଲା। ବୈଠକରେ ସର୍ବପ୍ରଥମେ ନିକଟ ଅତୀତରେ ଦେହାନ୍ତ ହୋଇଥିବା ଅଞ୍ଚଳର ବରିଷ୍ଠ ନାଗରିକ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ୧ମିନିଟ୍ ନୀରବ ପ୍ରାର୍ଥନା ସହ ଗତ ବର୍ଷର ଆୟବ୍ୟୟର ହିସାବ ଉପସ୍ଥାପନା କରାଯିବା ସହ ଚଳିତ ବର୍ଷ ପବିତ୍ର ଦଶହରା ଅବସରରେ ନୟାପଲ୍ଲୀ ଅଧିନରେ ଥିବା ନୂଆସାହିର ଶ୍ରୀ ଶ୍ରୀ ଆଖଣ୍ଡଳମଣି ସେବା ସଂସଦ ପ୍ରାଙ୍ଗଣରେ ହେବାକୁ ଥିବା ୧୫ତମ ମହାବୀରଙ୍କ ପୂଜା ଉପଲକ୍ଷେ ନୂତନ ପଦାଧିକାରୀ, ଉପଦେଷ୍ଟା ଓ କାର୍ଯ୍ୟନିର୍ବାହୀ ସଦସ୍ୟ ମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। କର୍ତ୍ତା ସନ୍ତୋଷ କୁମାର ଦାସ, ସଭାପତି ବିବେକାନନ୍ଦ କର, କାର୍ଯ୍ୟକାରୀ ସଭାପତି ମିଳନ କୁମାର ପାଇକରାୟ ଓ ସନ୍ଦୀପ କୁମାର ବଳ, ଉପସଭାପତି ପ୍ରଶାନ୍ତ କୁମାର ବଡଜେନା ଓ ସୁମନ୍ତ ସାମନ୍ତରାୟ, ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ପ୍ରସାଦ ରାୟ, ସାଙ୍ଗଠନିକ ସମ୍ପାଦକ ଶୁଭେନ୍ଦୁ ନାଏକ ଓ ଦେବାଶିଷ ପ୍ରଧାନ, ସହ ସମ୍ପାଦକ ହିଂମାଂଶୁ ପ୍ରଧାନ ଓ ସୁପ୍ରଭାତ ପ୍ରଧାନ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ବେହେରା ଓ ସହ କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ସାଗର ବଳବନ୍ତରାୟ ଓ ସହ ସାଂସ୍କୃତିକ ସମ୍ପାଦକ ଅନୁଜ ଚନ୍ଦନ ନାଏକ, ସଂଯୋଜକ ରାଧା ବଲ୍ଲଭ ବରାଳ, ସହ ସଂଯୋଜକ ନିଳାଞ୍ଚଳ ବେହେରା, ଗଣମାଧ୍ୟମ ସଂଯୋଜକ ଦେବବ୍ରତ ମହାନ୍ତି, ସହ ଗଣମାଧ୍ୟମ ସଂଯୋଜକ ଓ ସାମାଜିକ ଗଣମାଧ୍ୟମ ସଂଯୋଜକ ସୋନୁ କୁମାର ସାହୁ, ସାମଜିକ ଗଣମାଧ୍ୟମ ସଂଯୋଜକ ସ୍ମୃତି ଜେନା, ସ୍ୱାଗତ ରାଜଦର୍ଶୀ, ଶାଶ୍ୱତ ଲେଙ୍କାଙ୍କ ସହ ଏକ ୧୫ଜଣିଆ କାର୍ଯ୍ୟନିର୍ବାହୀ ସଦସ୍ୟ ଓ ୧୫ଜଣିଆ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ଚଳିତ ବର୍ଷ ଶାନ୍ତିଶୃଙ୍ଖଳା ସହ ପୂଜା ଓ ଭସାଣୀ ଉତ୍ସବ ପାଳନ କରାଯିବା ପାଇଁ ଏହି ଟିମ୍ ଗଠନ କରାଯାଇଛି ବୋଲି କମିଟିର କାର୍ଯ୍ୟକାରୀ ସଭାପତି ମିଳନ କୁମାର ପାଇକରାୟ ସୂଚନା ଦେଇଛନ୍ତି।



# ଅନୁସୂଚିତ ଜାତି ଲୋକଙ୍କ କଲ୍ୟାଣ ପାଇଁ ବିଜେଡି ପ୍ରତିଶ୍ରୁତିବଦ୍ଧ



**ଭୁବନେଶ୍ୱର,୨୨।୯ (ମହାଭାରତ):** ବିଜୁ ଜନତା ଦଳ ଅନୁସୂଚିତ ଜାତି ସେଲ ର ବୈଠକ ଆଜି ଶଙ୍ଖ ଭବନ ରେ ବିଜେଡି ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଉଦବୋଧନ ଦେଇ ଶ୍ରୀ ପଟ୍ଟନାୟକ ଅନୁସୂଚିତ ଜାତି ଲୋକଙ୍କ କଲ୍ୟାଣ ପାଇଁ ବିଜେଡିର ପ୍ରତିଶୃତି ଦୋହରାଇଥିଲେ।

ଆଗାମୀ ଦିନରେ ବିଜେଡି ଅନୁସୂଚିତ ଜାତି ବର୍ଗ ର ଭାଇଭଉଣୀ ମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ତାର ଲଢେଇ ଜାରି ରଖିବ ବୋଲି ଶ୍ରୀ ପଟ୍ଟନାୟକ ଘୋଷଣା କରିଥିଲେ।

ଏହି ବୈଠକରେ ଅନୁସୂଚିତ ଜାତି ବର୍ଗ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଷୟ ତଥା ସେଲକୁ ଅଧିକ ଶକ୍ତିଶାଳୀ କରାଯିବା ବିଷୟରେ ବୈଠକରେ ଆଲୋଚନା ହୋଇଥିଲା।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଶ୍ରୀ ଗଣେଶ୍ୱର ବେହେରା,ଶ୍ରୀ ମହେଶ ସାହୁ, ଶ୍ରୀମତୀ ପ୍ରମିଳା ମଲ୍ଲିକ,ପୂର୍ବତନ ମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା ପ୍ରମୁଖ ଉଦବୋଧନ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ଶ୍ରୀ ଦେବୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ସାସଂଦ ଡା. ରାଜଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍‌ସର ଚିକିତ୍ସା ତାର ସଫଳତା ବଜାୟ ରଖିଛି

**ଭୁବନେଶ୍ୱର,୨୨।୯ (ମହାଭାରତ):** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍‌ସ ଭୁବନେଶ୍ୱର ଆଜି ଦ୍ୱାଦଶ ବାର୍ଷିକ ଉତ୍ସବକୁ ପ୍ରତିବଦ୍ଧତା ଏବଂ ଅର୍ନ୍ତଭୁକ୍ତୀକରଣ ସହିତ ପାଳନ କରିଛି। ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଅନୁଷ୍ଠାନକୁ ଭୂୟସୀ ପ୍ରଶଂସା କରିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରୁ ଚିକିତ୍ସା ନିମନ୍ତେ ଦୈନିକ ଏଠାକୁ ଆସୁଥିବା ହଜାର ହଜାର ରୋଗୀଙ୍କ ସଂଖ୍ୟା ହିଁ ଏହି ଅନୁଷ୍ଠାନର ସଫଳତାକୁ ପ୍ରତିପାଦିତ କରୁଛି। ଏମ୍‌ସ ଭୁବନେଶ୍ୱରକୁ ଆହୁରି ଅଧିକ ଗତିଶୀଳ ଏବଂ କ୍ରିୟାଶୀଳ କରିବା ନିମନ୍ତେ ରାଜ୍ୟ ସରକାର ସମସ୍ତ ସହାୟତା ଯୋଗାଇଦେବାକୁ ପ୍ରତିଶୃତିବଦ୍ଧ ଥିବା ଶ୍ରୀ ସିଂହ ଦେଓ ପ୍ରକାଶ କରିଥିଲେ। ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହିତ ସମସ୍ତଙ୍କର ସାମୂହିକ ଉଦ୍ୟମ, ରୋଗୀ ସେବା ଏବଂ ଚିକିତ୍ସା ଉତ୍କର୍ଷ ପ୍ରତି ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱାସ୍ଥ୍ୟସେବାରେ ନବସୃଜନ ଆଣିବା ସହିତ ଚିକିତ୍ସା ବିଜ୍ଞାନ ସହିତ ପ୍ରଯୁକ୍ତିବିଦ୍ୟାର ଅର୍ନ୍ତଭୁକ୍ତିକରଣ ପାଇଁ ଏମ୍‌ସ ସର୍ବଦା ପ୍ରୟାସରତ। ଏହି ଅବସରରେ ଗତ ଏକ ବର୍ଷରେ ଏଠାରେ ହୋଇଥିବା ଏକାଧିକ ସଫଳ ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ।



ଏମ୍‌ସରେ ଗତ ଏକ ବର୍ଷରେ ୧୦ ଲକ୍ଷରୁ ଅଧିକ ରୋଗୀ ଚିକିତ୍ସିତ ହୋଇଛନ୍ତି। ୧୭ ଲକ୍ଷ ପରୀକ୍ଷା କରାଯାଇଥିବା ବେଳେ ୨୫ହଜାର ଅସ୍ତ୍ରୋପଚାର କରାଯାଇଛି। ଆଭା (ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଆକାଉଣ୍ଟ) ପଞ୍ଜୀକରଣରେ ଦେଶରେ ତୃତୀୟ ସ୍ଥାନ ଅଧିକାର କରିବାର ସଫଳତା ହାସଲ କରିଛି ଏମ୍‌ସ। ୨୦୨୪ ଶିକ୍ଷାବର୍ଷ ପାଇଁ ଏମ୍ସକୁ ଏନ୍‌ଆଇଆରଏଫରେ ୧୫ତମ ସ୍ଥାନ ମିଳିଛି ଯାହାକି ସମଗ୍ର ରାଜ୍ୟରେ ଶ୍ରେଷ୍ଠ। ଅନ୍ୟମାନଙ୍କ ମଧ୍ୟରେ ଡିନ୍ (ଏକାଡେମିକ୍ସ) ଡ. ପି ଆର ମହାପାତ୍ର, ଡିନ୍ (ଗବେଷଣା) ଡ. ସତ୍ୟଜିତ୍ ମିଶ୍ର, ଡିନ୍ (ପରୀକ୍ଷା) ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଅଭିଜିତ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱାଦଶ ବାର୍ଷିକ ଉତ୍ସବ ସମାରୋହ ଅବସରରେ ଛାତ୍ରଛାତ୍ରୀ, ଅଧାପକ/ଅଧାପିକା ଏବଂ କର୍ମଚାରୀଙ୍କୁ ନେଇ ଏକାଧିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହିତ ବାର୍ଷିକ ସ୍ମରଣିକା ଦି ଇନ୍‌ସାଇଟ୍‌କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଆୟୋଜକ କମିଟି ସଚିବ ଡ. ସ୍ୱେତା ସିଂ ଏବଂ ଅତିରିକ୍ତ ସଚିବ ଡ. ସୋମନାଥ ପାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ସଫଳତାର ସହିତ ସମାପ୍ତ ହୋଇଥିଲା।

# ଧାନକିଣା ଆରମ୍ଭ ହେବାମାତ୍ରେ ସୀମାନ୍ତ ଅଞ୍ଚଳକୁ ବନ୍ଦ୍ କରାଯିବ

**ଭୁବନେଶ୍ୱର,୨୨।୯ (ମହାଭାରତ):** ରାଜ୍ୟ ସରକାରଙ୍କ ୧୦୦ ଦିନ କାର୍ଯ୍ୟକାଳ ପୂର୍ତ୍ତି ଅବସରରେ ଆଜି ମଧ ରାଜ୍ୟର ବିଭିନ୍ନ ସ୍ଥାନରେ ତିନିଦିନିଆ। ବିକାଶ ମେଳାର ଶୁଭାରମ୍ଭ ହୋଇଛି । କଟକଠାରେ ଆୟୋଜିତ ମେଳାରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ଅଧିକ ଲାଭ ଆଶାରେ ବାହାରେ ରାଜ୍ୟର ଲୋକ ଓଡ଼ିଶାକୁ ଆସି ଧାନ ବିକ୍ରି କରିବାର ଆଶଙ୍କା ରହିଛି। ରାଜ୍ୟରେ ଚାଷୀଙ୍କଠାରୁ ଧାନକିଣା ପ୍ରକ୍ରିୟା ଆରମ୍ଭ ହେବା ମାତ୍ରେ ସୀମାନ୍ତ ଅଞ୍ଚଳକୁ ବନ୍ଦ୍ କରିଦେବାକୁ ରାଜ୍ୟ କ୍ୟାବିନେଟ୍ ଏହି ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ସରକାର ପ୍ରତିଶ୍ରୁତି ମୁତାବକ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩ ହଜାର ୧୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ସିଂହଦେଓ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଜଗତସିଂହପୁର ଜିଲ୍ଲାରେ ଆୟୋଜିତ



ଅନୁରୁପ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ।

ବୌଦ ଜିଲ୍ଲା କଚେରି ପଡ଼ିଆଠାରେ ଆୟୋଜିତ ମେଳାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ। ଓର୍ମାସ୍ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ପ୍ରଦର୍ଶନୀ ମଣ୍ଡପକୁ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନଙ୍କ ସହିତ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଏବଂ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ।

ଭଦ୍ରକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ସାଂସଦ ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ବିକାଶ ମେଳାରେ ଖୋଲାଯାଇଥିବା ପ୍ରଦର୍ଶନୀ ମଣ୍ଡପଗୁଡ଼ିକୁ ସେମାନେ ବୁଲି ଦେଖିଥିଲେ।

# ୨୪ରେ ବିଜେଡିର ହରତାଳ ଡାକରା

**ଭୁବନେଶ୍ୱର,୨୨।୯ (ମହାଭାରତ):** ବହୁ ଚର୍ଚ୍ଚିତ ଭରତପୁର ଥାନା ଘଟଣାକୁ ନେଇ ଆସନ୍ତା ୨୪ ତାରିଖ ମଙ୍ଗଳବାର ଦିନ ୬ଘଂଟା ପାଇଁ ହରତାଳ(ଚକ ବନ୍ଦ, ଅଖ ବନ୍ଦ) ଡାକରା ଦେଇଛି ବିଜୁ ଜନତା ଦଳ । ଶଙ୍ଖଭବନଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ଦେବୀ ପ୍ରାସଦ ମିଶ୍ର ଏହି ସୂଚନା ଦେଇଛନ୍ତି । ଭରତପୁରଠାରେ ଘଟିଥିବା ଘଟଣା କେବଳ ରାଜ୍ୟ ନୁହେଁ ସାରା ଦେଶରେ ଓଡିଶାର ସମ୍ମାନ ତଳକୁ ଯାଇଛି । ଏହି ଘଟଣାକୁ ନେଇ ଓଡିଶା ତଥା ସାରା ଦେଶରେ ସିଭିଲ ସୋସାଇଟିଠାରୁ ଆରମ୍ଭ କରି ବିଭିନ୍ନ ବର୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ରାଜ୍ୟ ବିଜେପି ସରକାର କ୍ଷମତାକୁ ଆସିବାର ୧୦୦ ଦିନ ପୂରଣକୁ ନେଇ ବିଜେପି ଉତ୍ସବ ପାଳନରେ ମସଗୁଲ ଥିଲା ବେଳେ ଭରତପୁର ଥାନା ଲଜ୍ଜା ଘଟଣା ଲୋକଲୋଚନକୁ ଆସିଛି । ୧୦୦ ଦିନର ଯାତ୍ରାର ଆରମ୍ଭରେ ରାଜ୍ୟପାଳଙ୍କ ପୁଅ ଦ୍ୱାରା ଆକ୍ରମଣର ଶୀକାର ହୋଇଥିଲେ ଏଏସ୍‌ଓ ଅଧିକାରୀ ଓ ୧୦୦ ଦିନର ପୂର୍ତ୍ତିର ଠିକ୍ ପୂର୍ବରୁ ଭରତପୁର ଥାନା ଲଜ୍ଜା ଘଟଣା ରାଜ୍ୟବାସୀଙ୍କୁ ଚକିତ କରିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି । ବିଧାୟକ ଅରୁଣ ସାହୁ କହିଥିଲେ, ଏହି ଲଜ୍ଜାଜନକ ଘଟଣାକୁ ରାଜ୍ୟ ସରକାର ଚପାଇଦେବା ପାଇଁ ଯଥାସମ୍ଭବ ଚେଷ୍ଟା କରିଆସୁଛନ୍ତି । ଏହି ଘଟଣା ୧୪ ତାରିଖ ରାତିରେ ଘଟିଥିଲେ ହେଁ ସେପଟ୍ମେର ୧୭ରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନଜରରେ ରଖି ରାଜ୍ୟ ସରକାର ଯୋଜନାବଦ୍ଧ ଭାବେ ଚପାଇ ଦେଇଥିଲେ । କିନ୍ତୁ ପୀଡିତା ହାଇକୋର୍ଟରୁ ଜାମିନ ପାଇବା ପରେ ଏହି ଘଟଣାଟି ସେପଟ୍ମେର ୧୮ ତାରିଖ ଦିନ ଲୋକଲୋଚନକୁ ଆସିଥିଲା । ପରେ ପୀଡିତା ଅଙ୍କିତା ପ୍ରଧାନ ଏମ୍ସରେ ଚିକିତ୍ସାଧୀନ ଥିବା ଅବସ୍ଥାରେ, ଗଣମାଧ୍ୟମ ସମ୍ମୁଖରେ ସଂପୂର୍ଣ୍ଣ ଘଟଣାକୁ କ୍ରନ୍ଦନରତ ଅବସ୍ଥାରେ ବର୍ଣ୍ଣନା କରିବା ସହ ତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଆକୁଳନ ନିବେଦନ କରିଥିଲେ । '

# ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ 'ସ୍କଚ୍ ଆୱାର୍ଡ଼'

**ଭୁବନେଶ୍ୱର,୨୨।୯ (ମହାଭାରତ):** ଓଡ଼ିଶାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସମ୍ମାନଜନକ 'ସ୍କଚ୍ ଆୱାର୍ଡ଼'ରେ ସମ୍ମାନିତ ହୋଇଛି। ଦିଲ୍ଲୀର ଲୋଧି ରୋଡ଼ସ୍ଥିତ ଇଣ୍ଡିଆ ହାବିଟାଟ୍ ସେଣ୍ଟରଠାରେ ଅନୁଷ୍ଠିତ ୯୯ତମ ସ୍କଚ୍ ସମିଟରେ ବିଭାଗ ପକ୍ଷରୁ ନିର୍ଦ୍ଦେଶକ ଶ୍ରୀମତୀ ନିୟତି ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଶ୍ରୀ ସନ୍ତୋଷ କୁମାର ପ୍ରଧାନ ଏବଂ ଆଇଟି କନ୍‌ସଲଟାଣ୍ଟ ଶ୍ରୀ ବିନିତ ମହାପାତ୍ର ଏହି ପୁରସ୍କାର ଗ୍ରହଣ କରିଛନ୍ତି।



ନିଶାଦ୍ରବ୍ୟ ସେବନକାରୀ ଓ ମାନସିକ ରୋଗୀଙ୍କ ପୁନର୍ବାସ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ସ୍ୱୀକୃତି ସ୍ୱରୂପ ସାମାଜିକ ନ୍ୟାୟ ଓ ସୁରକ୍ଷା କ୍ଷେତ୍ରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ୨୦୨୪ ବର୍ଷ ନିମନ୍ତେ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏହି ସମ୍ମାନ ନେଇ ଖୁସି ବ୍ୟକ୍ତ କରିଛନ୍ତି। ଏହି ସମ୍ମାନ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଏବଂ ଏହା ବିଭାଗକୁ ଅଧିକ ନିଷ୍ଠା ଓ ଦାୟିତ୍ୱର ସହ କାର୍ଯ୍ୟ କରିବା ନିମନ୍ତେ ପ୍ରେରଣା ଯୋଗାଇବ ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀ ସେଠୀ ପ୍ରକାଶ କରିଛନ୍ତି ।

# ସାମସଙ୍ଗ ଇଣ୍ଡିଆର "ବିଗ ଟିଭି ଫେଷ୍ଟିଭାଲ"

**ଭୁବନେଶ୍ୱର,୨୨।୯ (ମହାଭାରତ):** ସାମସଙ୍ଗ, ଭାରତର ଏକ ବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଏହି ଉତ୍ସବ ଋତୁକୁ ଆହୁରି ଅଧିକ ସରସ ସୁନ୍ଦର କରିବା ପାଇଁ "ବିଗ ଟିଭି ଫେଷ୍ଟିଭାଲ"ର ଅଧିକ ବ୍ୟାପକତା ଆଜି ଏହାର ଶୁଭାରମ୍ଭ କରିଛି। ପ୍ରିମିୟମ ଏଆଇ କ୍ଷମତା ଯୁକ୍ତ ବଡ଼ ପରଦାର ଟିଭି ଉପରେ ଏହା ଅପ୍ରତିଦ୍ୱନ୍ଦି ଅଂଶୀଦାରୀର ଅଫର ପ୍ରଦାନ କରୁଅଛି ଯେଉଁ ଟିଭି ଗୁଡ଼ିକ ମଧ୍ୟରେ ରହିଛି ନିଓକ୍ୱିଭଏଲଇଡ଼ି ୮କେ, ନିଓକ୍ୱିଭ ଏଲଇଡ଼ି ୪କେ, ଓଏଲଇଡ଼ି ତଥା କ୍ରିଷ୍ଟଲ ୪କେ ୟୁଏଚ୍‌ଡ଼ି ଟିଭି ଇତ୍ୟାଦି ଏବଂ ଯେଉଁଥିରେ ରହିଛି ସେପ୍ଟେମ୍ବର ୧୪ରୁ ନଭେମ୍ବର ୧୦ ୨୦୨୪ ପର୍ଯ୍ୟନ୍ତ ସୀମିତ ଅବଧିର ଅନେକ ଗୁଡ଼ିଏ ଅଫର ଏଥି ସହିତ ଏହା ଆଣିଦେଉଛି କ୍ୟାସବ୍ୟାକ, ୩ ବର୍ଷର ୱାରେଂଟି ଏବଂ ବିଶେଷ ଇଏମଆଇ ଅଫରର ସୁଯୋଗ। ଦୃଶ୍ୟର ଝଲକତା, ଶବ୍ଦର ଉତ୍କୃଷ୍ଟତା ତଥା ଏଆଇ ସକ୍ଷମକାରୀ ଅନେକ ବିଶେଷତ୍ୱ ସହିତ ସାମସଙ୍ଗ ବିଗ ଟିଭି ଉତ୍ସବ ଏକ ନୂତନ ସ୍ଥିତି ସୃଷ୍ଟି କରିଛି। ଏହି ସୁଯୋଗ ଗୁଡ଼ିକ କେବଳ ନିଓକ୍ୱିଭ ଏଲଇଡ଼ି ୮କେ, ଓଏଲଇଡ଼ି ଏବଂ କ୍ରିଷ୍ଟାଲ ୪କେ ୟୁଏଚ୍‌ଡ଼ିଟି ଭିର ସମ୍ଭାରରେ କିଛି ଚୟନକାରୀ ମଡ଼େଲରେ ଉପଲବ୍ଧ। କିଛି ନିର୍ଦ୍ଦିଷ୍ଟ ଚୟନକାରୀ କ୍ରୟ ଉପରେ ଗ୍ରାହକମାନେ ୨୯୦୦୦୦ ଟଙ୍କାର ଏକ ମାଗଣା ସାମସଙ୍ଗ ଟିଭି ମଡ଼େଲ ପାଇବା ସହିତ ୧୦୦୦୦୦ ଟଙ୍କା ମୂଲ୍ୟର ଏକ ସାଉଣ୍ଡ ବାର ମଧ୍ୟ ମାଗଣାରେ ପାଇପାରିବେ।

# ଡି-ମ୍ୟାକ୍ସ ବାଣିଜ୍ୟିକ ଯାନ ରେଞ୍ଜରେ ନୂତନ ଭାରିଏଟ୍ ଯୋଡ଼ିଛି ଇସୁଜୁ ମୋଟର୍ସ ଇଣ୍ଡିଆ

**ଭୁବନେଶ୍ୱର,୨୨।୯ (ମହାଭାରତ):** ବ୍ୟାବସାୟିକ ଯାନ ସେଗମେଟ୍‌ରେ ଗ୍ରାହକଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଶ୍ୱସ୍ତରୀୟ ଖ୍ୟାତିସମ୍ପନ୍ନ ଇସୁଜୁ ଡି-ମ୍ୟାକ୍ସ ପିକ୍ ଅପ୍ ଏବେ ଏକ ନୂଆ କ୍ୟାବ୍-ଚାସିସ୍ ଭାରିଆଟ୍‌ରେ ଉପଲବ୍ଧ ହେବ। ଏହି ପଦକ୍ଷେପ ସହିତ ଇସୁଜୁ ମୋଟର୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଭାରତରେ ଏହାର ଡି-ମ୍ୟାକ୍ସ ବାଣିଜ୍ୟିକ ପିକ୍ ଅପ୍ ଯାନ ପରିସରକୁ ବିସ୍ତାର କରିଛି। ଡି-ମ୍ୟାକ୍ସ ସିଙ୍ଗଲ କ୍ୟାବ୍ ୧.୭ କ୍ୟାବ୍-ଚାସିସ୍ ଏସ୍‌ଟିଡି ଭାରଏଟ୍‌ର ଆକର୍ଷଣୀୟ ପ୍ରାରମ୍ଭିକ ମୂଲ୍ୟ ଚେନ୍ନାଇର ଏକ୍ସ-ସୋ'ରୁମ୍ ମୂଲ୍ୟ ୯,୯୯,୯୦୦/- ଟଙ୍କା ରହିଛି। ଆଜିଠାରୁ ଗାଡ଼ି ବୁକିଂ ଖୋଲା ରହିଛି ଏବଂ ଖୁବଶୀଘ୍ର ଡେଲିଭରି ଆରମ୍ଭ ହେବ। ୨.୫ ଲିଟର ଇସୁଜୁ ୪ଜେଏ୧ ଇଞ୍ଜିନ୍ ଦ୍ୱାରା ପରିଚାଳିତ ଇସୁଜୁ ଡି-ମ୍ୟାକ୍ସ ରେଞ୍ଜର ବାଣିଜ୍ୟିକ ପିକ୍ ଅପ୍ ଗୁଡ଼ିକ ବୋଲ୍ଡ ଲୁକ୍‌ରେ ନିଜର ସ୍ୱତନ୍ତ୍ର ଏରୋଡାଇନାମିକ୍ ବାହ୍ୟ ଡିଜାଇନ୍ ସହିତ ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରଦର୍ଶନ କରନ୍ତି। ବାହାରେ ବୋଲ୍ଡ ଲୁକ୍ ଏବଂ ଇଂଟେରିୟର ଲେଆଉଟ୍ ଭଳି ଯାତ୍ରୀବାହୀ ଯାନ, ଯାହା ଗ୍ରାହକଙ୍କ ପାଇଁ ଗର୍ବ ସୃଷ୍ଟି କରିଛି। ଡି-ମ୍ୟାକ୍ସ ରେଞ୍ଜରେ ଉଚ୍ଚ ମାନର କପଡ଼ା ଥିବା ସିଟ୍ ରହିଛି ଏବଂ ଏଥିରେ ଯାତ୍ରୀଙ୍କ ଆରାମ ଏବଂ ନିରାପତା ପାଇଁ ଉଚ୍ଚତା ଆଡଜଷ୍ଟେବଲ୍ ସିଟ୍ ବେଲ୍ଟ ରହିଛି।

# ଭରତପୁର ଘଟଣାରେ ଦୋଷୀ ଦଣ୍ଡ ପାଇବ : ବିଜେପି

**ଭୁବନେଶ୍ୱର,୨୨।୯ (ମହାଭାରତ):** ବିଜେଡି ସରକାରରେ ଦୀର୍ଘ ୨୪ ବର୍ଷ ଧରି ଓଡ଼ିଶାରେ ନାରୀ ନିର୍ଯ୍ୟାତନା ଓ ହତ୍ୟାକାଣ୍ଡ ଭଳି ଘଟଣା ଘଟିଥିବା ବେଳେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଚୁପ୍ ରହି ପୀଡିତାଙ୍କୁ ନ୍ୟାୟ ଦେଇ ପାରୁ ନଥିବା ବେଳେ ବିଜେପି ସରକାରର ମୁ୍ୟଖମନ୍ତ୍ରୀ ମୋହନ ମାଝୀ ନବୀନଙ୍କ ଭଳି ଚୁପ ନ ରହି ଭରତପୁର ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି ଏବଂ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛନ୍ତି । ପ୍ରକୃତ ଦୋଷୀ ଦଣ୍ଡ ପାଇବ ବୋଲି ବିଜେପି ମୁଖପାତ୍ର ଦିଲ୍ଲୀପ ମଲ୍ଲିକ କହିଛନ୍ତି।

ସେ କହିଛନ୍ତି ଯେ, ଭରତପୁର ଥାନା ଘଟଣାକୁ ନେଇ ଏବେ ସରକାରଙ୍କୁ ଘେରୁଛନ୍ତି ବିରୋଧୀ। ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ପଦ ଛାଡନ୍ତୁ ବୋଲି କଂଗ୍ରେସ ଦାବି କରିଥିବା ବେଳେ ବିଜେଡି ଘଟଣାର ନ୍ୟାୟିକ ତଦନ୍ତ ଦାବି କରିଛି। ଖାଲି ସେତିକିରେ କଥା ସରିନି ଶହେ ଦିନର ସରକାରଙ୍କୁ ପ୍ରଶ୍ନର କାଠଗଡାକୁ ଟାଣି ବନ୍ଦ ଡାକରା ଦେବ ବୋଲି ସୂଚାଇ ବି ଦେଇଛି ବିଜେଡି।

ଆସନ୍ତା ୨୪ ତାରିଖ ଦିନ ୬ ଘଣ୍ଟିଆ। ଭୁବନେଶ୍ୱର, ସଂଲଗ୍ନ ସ୍ଥାନ ଗୁଡିକରେ ବନ୍ଦ ଡାକରା ଦେବ ବୋଲି ବିଜେଡି କହିଛି। ଯାହାକୁ ନେଇ ବିଜେଡି ଉପରେ ବର୍ଷିଛନ୍ତି ବିଜେପି ମୁଖପାତ୍ର ଦିଲ୍ଲୀପ ମଲ୍ଲିକ।

ଏନେଇ ବିଜେଡିକୁ କଡା ଉତ୍ତର ଦେଇ ଦିଲ୍ଲୀପ କହିଛନ୍ତି, ବିଜେଡି ପୁଣି ଉପସ୍ଥିତି ଜାହିର ଚାହୁଁଛି । ବିଗତ ସରକାରରେ ଆଇନଶୃଙ୍ଖଳା ପରିସ୍ଥିତି କଣ ଥିଲା ତାହା ଲୋକ ଜାଣନ୍ତି। ନବ ଦାସ ହତ୍ୟାକାଣ୍ଡ ଦିନ ଦ୍ୱିପ୍ରହରରେ ହୋଇଥିଲା। କୁନ୍ଦୁଲି, ସ୍ମିତାରାଣୀ ଓ ମମିତା ମାମଲାରେ ଦୋଷୀଙ୍କୁ ଘଣ୍ଟ ଘୋଡ଼ାଉଥିଲା ବିଜେଡି । ହେଲେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସେତେବେଳେ ଚୁପ୍ ରହୁଥିଲେ। ଏବେ ଭରତପୁର ଘଟଣାକୁ ଏବେ ସରକାର ଗୁରୁତର ସହ ନେଇଛନ୍ତି। ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ଥାନାରେ ନିର୍ଯାତନା ମାମଲାରେ ମୁଖ୍ୟମନ୍ତ୍ରୀ ନିଜେ ତଦାରଖ କରି ମୁହଁ ଖୋଲିଛନ୍ତି, ନବୀନଙ୍କ ଭଳି ଚୁପ୍ ନାହାନ୍ତି ବୋଲି କହି କଡା ସମାଲୋଚନା କରିଛନ୍ତି ଦିଲ୍ଲୀପ। ଏହି ଘଟଣାରେ ଦୋଷୀ ନିଶ୍ଚିତ ଦଣ୍ଡ ପାଇବ, କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି । ହେଲେ ବିରୋଧୀ ଖାଲି ତିଳକୁ ତାଳ କରୁଛନ୍ତି, ତାଙ୍କ ସମୟରେ ସରକାର ଆଖି ବୁଜି ଦେଉଥିଲେ। ଏହି ଘଟଣାକୁ ରାଜନୈତିକ ପ୍ରସଙ୍ଗ କରି ବିଜେଡି ଉପସ୍ଥିତି ଜାହିର କରିବାକୁ ଚାହୁଁଛି ବୋଲି ଦିଲ୍ଲୀପ କହିଛନ୍ତି।

# ଦୀର୍ଘତମ ଅଶୋଧିତ ତୈଳ ପାଇପଲାଇନ ପ୍ରକଳ୍ପ କାର୍ଯ୍ୟକାରୀ କରିଛି କିର୍ଲୋସ୍କର ଏବରା ପମ୍ପ୍ସ

**ଭୁବନେଶ୍ୱର,୨୨।୯ (ମହାଭାରତ):** ପାରାଦୀପ-ନୁମାଲିଗଡ଼ ଅଶୋଧିତ ତୈଳ ପାଇପ୍ ଲାଇନ୍ ପ୍ରକଳ୍ପ ପାଇଁ ୧୬ଟି ପମ୍ପ ପ୍ୟାକେଜ୍ ସଫଳ ଭାବେ କାର୍ଯ୍ୟକାରୀ କରିବା ନେଇ କିର୍ଲୋସ୍କର ଏବରା ପମ୍ପ୍ସ ଲିମିଟେଡ୍ (କେଇପିଏଲ୍) ଗର୍ବିତ। ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପରେ ପାରାଦୀପରୁ ନୁମାଲିଗଡ଼ ପର୍ଯ୍ୟନ୍ତ ୪ଟି ପମ୍ପିଂ ଷ୍ଟେସନରେ ପମ୍ପ ସ୍ଥାପନ କରାଯାଇଥିଲା, ଯାହା ଭାରତର ଶକ୍ତି ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଟ୍।

ନୁମାଲିଗଡ଼ ରିଫାଇନାରୀ ଲିମିଟେଡ୍ ଦ୍ୱାରା ପରିଚାଳିତ ପିଏନସିପିଏଲ୍ ପ୍ରକଳ୍ପ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହାର ଉଦ୍ଦେଶ୍ୟ ହେଉଛି ଏନଆରଏଲ୍‌ର କ୍ଷମତାକୁ ବାର୍ଷିକ ୩.୦ ନିୟୁତ ମେଟ୍ରିକ୍ ଟନ୍‌ରୁ ୯.୦ ଏମଏମଟିପିଏକୁ ବୃଦ୍ଧି କରିବା । ଭାରତର ପେଟ୍ରୋଲିୟମ ଉତ୍ପାଦର ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଏହି ସମ୍ପ୍ରସାରଣ ଜରୁରୀ । ଏହି କ୍ଷମତା ବୃଦ୍ଧି ପାଇଁ ଏକ ନୂତନ ଅଶୋଧିତ ପାଇପଲାଇନ ବିକଶିତ କରାଯାଇଛି, ଯାହା ୧,୬୩୦ କିଲୋମିଟର ବ୍ୟାପୀ ଏବଂ ଏକାଧିକ ରାଜ୍ୟର ଚାରିଟି ଷ୍ଟେସନକୁ ଅନ୍ତର୍ଭୁକ୍ତ କରିଛି।

ଭାରତ ସରକାରଙ୍କ 'ଉତର ପୂର୍ବ ଭାରତ ପାଇଁ ହାଇଡ୍ରୋକାର୍ବନ ଭିଜନ ୨୦୩୦'ର ଅଂଶ ବିଶେଷ ଭାବେ ଏହି ସମ୍ମାନଜନକ ଏନଆରଇପି ପ୍ରକଳ୍ପ ହେଉଛି ଉତର ପୂର୍ବ ଭାରତରେ ଏକକ ବୃହତମ ପୁଞ୍ଜିନିବେଶ ।

# ଦାରୀଦ୍ର୍ୟ ସୀମାରେଖା

ଗ୍ରାମାଞ୍ଚଳରେ ମାସିକ ପରିବାର ପିଛା ହାରାହାରି ବ୍ୟୟ ୩୭୭୪ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ସହରାଞ୍ଚଳରେ ଏହା ପାଖାପାଖି ୭ହଜାର ଟଙ୍କା ରହିଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦାରୀଦ୍ର୍ୟ ଦୁରୀକରଣ ଯୋଜନା ଏବଂ କାର୍ଯ୍ୟକ୍ରମର ସୁଫଳ ମିଳିଛି ଏବଂ ଦାରିଦ୍ର୍ୟ ହାର କମୁଛି ବୋଲି ସୁବ୍ରମଣ୍ୟମ କହିଛନ୍ତି। ତେବେ ଦାରୀଦ୍ର୍ୟ ସୀମାରେଖାର ସଂଜ୍ଞା ପୁନଃନିରୂପିତ ହେବାର ଆବଶ୍ୟକତା ରହିଛି। ବାର୍ଷିକ ୧ ଲକ୍ଷ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଏବେ ଦରୀଦ୍ର ବୋଲି ବିଚାର କରିବାକୁ ପଡ଼ିବ। ଦାରୀଦ୍ର୍ୟର ମାପକାଠି ଟଙ୍କା ରୋଜଗାର ପରିମାଣ ନୁହେଁ। ଏକ ଉନ୍ନତ ଏବଂ ସ୍ୱଚ୍ଛଳ ଜୀବନ ଯାପନ ବା ସର୍ବନିମ୍ନ ଆବଶ୍ୟକତା ପୂରଣ କରିପାରୁନଥିଲେ ଜଣେ ବ୍ୟକ୍ତିଙ୍କୁ ଦାରୀଦ୍ର ବୋଲି କୁହାଯିବ। ମାଗଣା ରାସନ ଏବଂ ମାଗଣା ଚିକିତ୍ସା ସୁବିଧାକୁ ଏଥିରେ ହିସାବ କରାଯିବା ଅନୁଚିତ। ମାଗଣା ରାସନ ବା ଖାଦ୍ୟ ସୁରକ୍ଷା ଯୋଜନା, ସ୍କୁଲ ପିଲାଙ୍କୁ ମାଗଣା ପୋଷାକ ଓ ସାଇକେଲ ଭଳି ଯୋଜନା ଗରିବ ପରିବାର ଉପରେ ଆର୍ଥିକ ଚାପ ହ୍ରାସ କରିଛି ଏବଂ ସେମାନେ କେବଳ ଖାଇବାରେ ଖର୍ଚ୍ଚ ନକରି ଭିନ୍ନ ଲକ୍ଷ୍ୟରେ ଅର୍ଥ ବିନିଯୋଗ କରୁଛନ୍ତି। ଅନେକ ନିଜ ପାଇଁ ଅତିରିକ୍ତ ଆୟର ପନ୍ଥା ମଧ୍ୟ ନିର୍ଦ୍ଧାରଣ କରିଛନ୍ତି। ଏଥିରେ ବଡ଼ ଭୂମିକା ରହିଛି ମନରେଗା ଭଳି ଯୋଜନା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ୮୦ କୋଟି ଲୋକଙ୍କୁ ମାଗଣା ରାସନ। ଦୁଇ ଦଶନ୍ଧି ତଳେ କେବଳ ଓଡ଼ିଶା ନୁହେଁ, ଅନେକ ରାଜ୍ୟରେ ଅନାହାର ମୃତ୍ୟୁ ହେଉଥିଲା। ଏବେ ଅନ୍ତତଃପକ୍ଷେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟୁନି। ସମସ୍ତଙ୍କୁ ଦୁଇବେଳା ଖାଇବାକୁ ମିଳୁଛି। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଦ୍ୱାରା ଏହା ସମ୍ଭବ ହୋଇପାରିଛି। କେବଳ ଗରୀବ କଲ୍ୟାଣ ଯୋଜନା ଦ୍ୱାରା ଦେଶର ବିକାଶ ହୋଇପାରିବନି। ଦେଶର ଅର୍ଥନୈତିକ ସମୃଦ୍ଧି ମଧ୍ୟ ଆବଶ୍ୟକ। ସୁଖର କଥା, ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତି ଭାବେ ବିବେଚିତ ହେଉଛି। ଏହା ଆମ ପାଇଁ ଏକ ଗୌରବର ବିଷୟ। ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ଚଳିତ ବର୍ଷ ଚୀନର ଜିଡିପି ୨.୭ ପ୍ରତିଶତ ଏବଂ ଭାରତର ଅଭିବୃଦ୍ଧି ୭ ପ୍ରତିଶତ ରହିପାରେ। ୱାର୍ଲ୍ଡ ଇକନମିକ ଫୋରମ ପକ୍ଷରୁ ମଧ୍ୟ ସମାନ ଆକଳନ କରାଯାଇଛି। ଏହା ଏକ ଉପରଠାଉରିଆ ଆକଳନ ନୁହେଁ। ବୈଜ୍ଞାନିକ ପଦ୍ଧତିରେ ଏହାର ଆକଳନ କରାଯାଇଛି। ବିଶ୍ୱର ପ୍ରମୁଖ ଦେଶର ଗୁଡ଼ିକର ଅଭିବୃଦ୍ଧି ହାର ୩ ପ୍ରତିଶତରୁ କମ ଥିବା ବେଳେ ଭାରତର ଅଭିବୃଦ୍ଧି ହାର ୬ ପ୍ରତିଶତ ଉପରେ ରହିବା କିଛି କମ କଥା ନୁହେଁ। ପଡ଼ୋଶୀ ପାକିସ୍ତାନରେ ମୁଦ୍ରାସ୍ଫୀତି ହାର ୩୭ ପ୍ରତିଶତ ରହିଥିବା ବେଳେ ଭାରତର ସ୍ଥିତି ଯଥେଷ୍ଟ ଭଲ ବୋଲି କୁହାଯାଇପାରେ। ତେବେ ଏହି ପରିସଂଖ୍ୟାନରେ ଆତ୍ମସନ୍ତୋଷ ଲାଭ କରିବା ଅନୁଚିତ। କାରଣ ବେକାରୀ ଓ ଦାରିଦ୍ର୍ୟ ହାର ଏବେ ବି ଉଦବେଗଜନକ ସ୍ଥିତିରେ ରହିଛି। ଏଥିରେ ସୁଧାର ଆଣିବାକୁ ହେଲେ ଦୀର୍ଘକାଳୀନ ଯୋଜନାର ଆବଶ୍ୟକତା ରହିଛି। ଗତ ସେପ୍ଟେମ୍ବର ମାସରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଏହା ଖୋଦ୍ ଆଇଏମଏଫ ରିପୋର୍ଟରୁ ପ୍ରକାଶ। ଦଶବର୍ଷ ତଳେ ଭାରତ ତାଲିକାର ଏକାଦଶ ସ୍ଥାନରେ ଥିବା ବେଳେ ଏହା ୬ଟି ସ୍ଥାନ ଉପରକୁ ଉଠିଛି। ଏହା କିଛି କମ ସଫଳତା ନୁହେଁ। ଯେଉଁ ଦେଶ ଆମକୁ ୨୦୦ ବର୍ଷ କାଳ ଶାସନ କରୁଥିଲା ଏବଂ ଦେଶକୁ ଲୁଟ କରୁଥିଲା, ସେହି ଦେଶ ଆଜି ଭାରତଠାରୁ ପଛରେ ପଡ଼ିଯାଇଛି।

# ଉତ୍କଳମଣି ବିଚିତ୍ରାନନ୍ଦ ପ୍ରଧାନ


“ମହା ମାନବ ମହାତ୍ମାଗାନ୍ଧିଙ୍କ ଡାକରାରେ ଗୋପବନ୍ଧୁ ଭାରତୀୟ ସ୍ୱାଧିନତା ସଂଗ୍ରାମରେ ଝାସ ଦେଇଥିଲେ। ପରମୂହୂର୍ତ୍ତରେ ତାଙ୍କୁ ଜେଲ ବରଣ କରିବାକୁ ପଡିଥିଲା। ତାଙ୍କର କେତେକ ପୁସ୍ତକ, ଅବକାଶ ଚିନ୍ତା, କାରା କବିତା, ବନ୍ଦୀର ଆତ୍ମକଥ, ଧର୍ମପଦ, ଗୋମାହାତ୍ମ୍ୟ ଓ ନଚିକେତା ଉପଖ୍ୟାନ ପାଠକ ମାନଙ୍କର ମନଛୁଇଁ ପାରିଛି। ତାଙ୍କ କବିତାରେ ବିରଦ୍ୱର ପ୍ରେରଣା, ତ୍ୟାଗ ଓ ସ୍ୱଦେଶପ୍ରୀତି ପ୍ରତିଫଳିତ ହୋଇଅଛି। ମଧୁସୂଦନଦାସଙ୍କ ଠାରୁ ପ୍ରେରଣା ପାଇ ଦେଶ ଓ ଜାତିର ସେବା ଉଦ୍ଦେଶ୍ୟରେ ଗୋପବନ୍ଧୁ ନିର୍ବାଚନ ଜିତି ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନସିଲ୍‌ର ସଭ୍ୟ ପଦ ପାଇଥିଲେ।



॥ ସୌଭାଗ୍ୟ ରଂଜନ ମହାନ୍ତି ॥


ଆଜିର ବସ୍ତୁସର୍ବସ୍ୱ ଓ ସ୍ୱାର୍ଥ ସର୍ବସ୍ୱ ସମୟରେ ମନେପଡ଼ିଯାଉଛନ୍ତି ଓଡ଼ିଆ ଜାତିର ମଉଡମଣି ଉତ୍କଳମଣି ଗୋପବନ୍ଧୁ। ପ୍ରତିଟି ଓଡ଼ିଆଙ୍କ ପାଇଁ ତାଙ୍କ ହୃଦୟ କାନ୍ଦୁଥିଲା। ତାଙ୍କର ନିଃସ୍ୱାର୍ଥପର ଓଡ଼ିଆର ପ୍ରିୟ ଭାବନା ସହ ସମସ୍ତଙ୍କ ଦୁଃଖ, ଯନ୍ତ୍ରଣା ଓ କଷ୍ଟ ସମୟରେ ସେ ଛିଡ଼ା ହୋଇ ବଢ଼ାଉଥିଲେ ସାହାଯ୍ୟର ହାତ। ଆଜି ପ୍ରତିଟି ଓଡ଼ିଆ ପ୍ରତିଟି ମୁହୂର୍ତ୍ତରେ ତାଙ୍କୁ ଅତି ସମ୍ମାନର ସହିତ ମନେପକାଉଛନ୍ତି। ସେ ନିଜକୁ ବିଜ୍ଞପିତ କରିବା ପାଇଁ ଚାହୁଁନଥିଲେ। ତାଙ୍କର ପଦପଦବୀ, ସ୍ୱାର୍ଥ, ସମ୍ମାନ, ଗରିମା ବା ବ୍ୟକ୍ତି ଲାଳସା କିଛି ହିଁ ନଥିଲା। ତାଙ୍କର କେବଳ ଥିଲା ଏହି ଜାତି ପ୍ରତି ଦୃଢ଼ ଭଲପାଇବା। ସେ ସମୟରେ ଯେତେବେଳେ ଚାରିଆଡ଼େ ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷର ହା ହାକାର ସବୁଠି ଦୁଃଖ ଭରିଦେଇଥିଲା କିନ୍ତୁ ସେ ସମୟରେ ଉତ୍କଳମଣି ନିଜ ଏକମାତ୍ର ପିଲାର ଜୀବନକୁ ପଛରେ ପକାଇ ଧାଇଁ ଯାଇଥିଲେ ସେବାକାର୍ଯ୍ୟ ପାଇଁ। ତାଙ୍କ ବଳୀଦାନ ପ୍ରାତଃ ସ୍ମରଣୀୟ ଓ ଚିରସ୍ମରଣୀୟ ନିଶ୍ଚୟ। ଆଜିର ସମୟକୁ ଦେଖିଲେ ଆମ ଭିତରେ ଅନେକ ଅଛନ୍ତି ଯେଉଁମାନେ ସେମାନଙ୍କର ବଦାନ୍ୟ କାର୍ଯ୍ୟ ପାଇଁ ନିଜକୁ ପ୍ରଚାର ଓ ପ୍ରସାର ସର୍ବସ୍ୱ ଦିଗରେ ନେଉଛନ୍ତି। ଯଦିଓ ସମସ୍ତେ ସେହି ଚରିତ୍ରର ନୁହଁନ୍ତି କିନ୍ତୁ ଉତ୍କଳମଣି ଗୋପବନ୍ଧୁ ଏହା ଠାରୁ ଥିଲେ ବହୁ ଦୂରରେ। ଓଡ଼ିଶା ଇତିହାସରେ ୧୮୭୭ ମସିହା ଅକ୍ଟୋବର ୯ ତାରିଖ ହେଉଛି ଏକ ଚିରସ୍ମରଣୀୟ ଦିବସ। ସେହିଦିନ ଉତ୍କଳର ଅନ୍ୟତମ ବରପୁତ୍ର, ସ୍ୱାଧିନତା ସଂଗ୍ରାମୀ ପଣ୍ଡିତ ଗୋପବନ୍ଧୁ ଦାସ ଜନ୍ମ ଗ୍ରହଣ କରିଥିଲେ। ଗୋପବନ୍ଧୁଙ୍କ ପରି ଯୋଗଜନ୍ମା ସନ୍ତାନ ପାଇ ଉତ୍କଳମାତା ଧନ୍ୟ ହୋଇଥିଲା। ତ୍ୟାଗ ଓ ମାନବିକତାର ଏକ ମଣି ସଦୃଶ୍ୟ ଥିଲେ ଉତ୍କଳମଣି ଗୋପବନ୍ଧୁ। ପୁରୀ ଜିଲ୍ଲା ସ୍କୁଲରେ ଗୋପବନ୍ଧୁଙ୍କ ପିତା ଗୋପବନ୍ଧୁଙ୍କୁ ଅଧ୍ୟୟନ ପାଇଁ ରାମଚନ୍ଦ୍ର ଦାସଙ୍କ ଦାୟିତ୍ୱରେ ଛାଡିଥିଲେ। ରାମଚନ୍ଦ୍ର ଦାସ ନିଃସ୍ୱ ଓ ନିରାଶ୍ରୟଙ୍କ ସେବା, ଦେଶଭକ୍ତି ଭଳି ମହତ କାର୍ଯ୍ୟ କରିବାକୁ ଛାତ୍ର ମାନଙ୍କୁ ପ୍ରେରଣା ଦେଉଥିଲେ। ଛାତ୍ରଜୀବନରୁ ଗୋପବନ୍ଧୁ ରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ମନରେ ଦେଶାତ୍ମବୋଧ ବିଶେଷ ଭାବରେ ବଢ଼ିଯାଇଥିଲା ଓ ଦରିଦ୍ର ଅସହାୟ ବ୍ୟକ୍ତିଙ୍କ ପାଇଁ ସେବା କରିବାକୁ ସେ କେବେହେଲେ ପଛେଇ ନଥିଲେ। ଛାତ୍ର ଜୀବନରେ ସେ ପୁରୀରେ ସାଙ୍ଗ ଛାତ୍ରମାନଙ୍କୁ ନେଇ ‘ପୁରୀ ସେବା ସମିତି” ଗଠନ କରି ଜନ ସେବା କରିବା ପାଇଁ ଦୃଢ଼ ପ୍ରୟାସ କରିଥିଲେ। ପୁରୀ ସହରରେ ହଇଜା ବ୍ୟାପିଥାଏ। କେତେକ ତୀର୍ଥ ଯାତ୍ରୀ ହଇଜାରେ ମୃତ୍ୟୁବରଣ କରିଥାନ୍ତି। କୁଢ଼ କୁଢ଼ ଶବ ଏଣେତେଣେ ପଡିଥାଏ, ଦୁର୍ଗନ୍ଧରେ ସହର ବଜାର ଫାଟି ପଡୁଥାଏ। ଗୋପବନ୍ଧୁ ସେବା ସମିତି ମାଧ୍ୟମରେ ପଡିଥିବା ଶବ ଗୁଡିକ ସହର ବାହାରକୁ ନେଇ ପୋଡି ଦେଇଥିଲେ ଓ ସହରକୁ ସଂକ୍ରମଣ ମୁକ୍ତ କରିଥିଲେ। ଛାତ୍ର ବୟସରେ ଗୋପବନ୍ଧୁଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ଜନସେବା କରିବାର ପ୍ରୟାସ ସହରର ଲୋକମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା। କେବଳ ସେତିକି ନୁହେଁ, କଟକରେ ମଧ ରେଭେନ୍‌ସା କଲେଜରେ ଅଧ୍ୟୟନ ସମୟରେ ‘କର୍ତ୍ତବ୍ୟବୋଧିନୀ’ ନାମକ ସମିତି ଗଠନ କରିଥିଲେ। କଲିକତା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ପ୍ରତି ଅବିଚାର କରିଥିବା ବିରୋଧରେ ଏହି ସମିତି ମାଧ୍ୟମରେ ସଂଗ୍ରାମ କରି ଗୋପବନ୍ଧୁ ଜୟଯୁକ୍ତ ହୋଇଥିଲେ। ଛାତ୍ର ଜୀବନରୁ ଗୋପବନ୍ଧୁଙ୍କ ହୃଦୟରେ ଜନସେବା ଓ ଜାତୀୟତା ଭାବ ଜାଗ୍ରତ ହୋଇଥିଲା, ସେହିଦିନଠାରୁ ସେ ଆଉ ପଛକୁ ଚାହିଁ ନାହାଁନ୍ତି। ଚାଲିଛନ୍ତି ଦେଶ ଓ ଜାତିର ସେବା କରିବା ପାଇଁ ଓ ଅସହାୟଙ୍କ ପାଇଁ ସହାୟତାର ହାତ ବଢ଼ାଇବାର ପ୍ରୟାସ ନେଇ। ୧୯୦୯ ମସିହାରେ ଛୁରିଅନା କୁଞ୍ଜତଳେ ବନବିଦ୍ୟାଳୟ ସ୍ଥାପନ କରି ଗୋପବନ୍ଧୁ ଉତ୍କଳୀୟ ସଂସ୍କୃତିକୁ ଚେତନାଶୀଳ କରାଇଥିଲେ। ନୀଳକଣ୍ଠ, ହରିହର ଗୋଦାବରୀଶ, କୃପାସିନ୍ଧୁ, ଲିଙ୍ଗରାଜ ଓ ଅନନ୍ତ ମିଶ୍ର ଆଦି ଏହି ଅନୁଷ୍ଠାନ ପାଇଁ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ଗୁରୁକୂଳ ଆଶ୍ରମ ପରିବେଶ ମଧ୍ୟରେ ପିଲାମାନଙ୍କୁ ପାଠ ସହ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଥିଲା। ଗୋପବନ୍ଧୁଙ୍କର ଏହିଭଳି ମହତ କାର୍ଯ୍ୟକୁ ଦେଖି ଲୋକେ ପ୍ରଶଂସାରେ ଶତମୁଖର ହୋଇଥିଲେ। ଜାତୀୟତାବାଦର ଏକ ନୂତନଧାରା ସତ୍ୟବାଦୀର ସାଧକ ଗୋଷ୍ଠି ସାହିତ୍ୟ ମାଧ୍ୟମରେ ପ୍ରକାଶକରି ଯେଉଁ ମାନବୀୟ ଆଦର୍ଶବାର୍ତ୍ତା ପ୍ରଚାର କରି ଯାଇଛନ୍ତି ତାହା ସେମାନଙ୍କୁ ଚିରଦିନ ପାଇଁ ବଞ୍ଚାଇ ରଖିଥିବ। ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିବା ସମୟରେ ଗୋପବନ୍ଧୁ ଓଡ଼ିଆ ଭାଷାକୁ ପ୍ରଚାର ଓ ପ୍ରସାର କରିବା ନିମି ‘ସତବାଦୀ’ ନାମକ ମାସିକ ସାହିତ୍ୟ ପତ୍ରିକା ଓ ‘ସମାଜ’ ନାମରେ ସାପ୍ତାହିକ ସମ୍ବାଦ ପତ୍ରିକା ପ୍ରକାଶ କରିଥିଲେ। ସମାଜ ସାପ୍ତାହିକ ପତ୍ରିକା ପରବର୍ତ୍ତୀ ସମୟରେ ମାସିକ ପତ୍ରିକା ଭାବେ ସାରା ଓଡ଼ିଶାରେ ଜନାଦୃତ ହୋଇ ସମ୍ବାଦ ସରବରାହ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି। ସମାଜ କାର୍ଯ୍ୟାଳୟ ବନ୍ୟା, ବାତ୍ୟା ସମୟରେ ଦୁର୍ଗତ ଲୋକମାନଙ୍କୁ ଖାଦ୍ୟ ବଣ୍ଟନ କରି, ଅସହାୟମାନଙ୍କୁ ସାହାଯ୍ୟ କରିଥାଏ। ଗୋପବନ୍ଧୁଙ୍କର ଜାତୀୟତାବୋଧ ଥିଲା ଅନ୍ତର୍ମୁଖୀ, ଏଥିରେ ତିଳେମାତ୍ର ସଂକୀର୍ଣ୍ଣତା ଭାବ ନଥିଲା। ତାଙ୍କର ଜାତୀୟ ଚେତନା ଥିଲା ଆକାଶ ପରି ବ୍ୟାପକ। ସେ ଭଲ ଭାବରେ ଜାଣିଥିଲେ, ନିଜସ୍ୱ ପରମ୍ପରା ଓ ସଂସ୍କୃତି ଛାଡି ଜାତୀୟ ଜୀବନ ପରିକଳ୍ପନା କରାଯାଇ ନପାରେ।

ମହା ମାନବ ମହାତ୍ମାଗାନ୍ଧିଙ୍କ ଡାକରାରେ ଗୋପବନ୍ଧୁ ଭାରତୀୟ ସ୍ୱାଧିନତା ସଂଗ୍ରାମରେ ଝାସ ଦେଇଥିଲେ। ପରମୂହୂର୍ତ୍ତରେ ତାଙ୍କୁ ଜେଲ ବରଣ କରିବାକୁ ପଡିଥିଲା। ତାଙ୍କର କେତେକ ପୁସ୍ତକ, ଅବକାଶ ଚିନ୍ତା, କାରା କବିତା, ବନ୍ଦୀର ଆତ୍ମକଥ, ଧର୍ମପଦ, ଗୋମାହାତ୍ମ୍ୟ ଓ ନଚିକେତା ଉପଖ୍ୟାନ ପାଠକ ମାନଙ୍କର ମନଛୁଇଁ ପାରିଛି। ତାଙ୍କ କବିତାରେ ବିରଦ୍ୱର ପ୍ରେରଣା, ତ୍ୟାଗ ଓ ସ୍ୱଦେଶପ୍ରୀତି ପ୍ରତିଫଳିତ ହୋଇଅଛି। ମଧୁସୂଦନଦାସଙ୍କ ଠାରୁ ପ୍ରେରଣା ପାଇ ଦେଶ ଓ ଜାତିର ସେବା ଉଦ୍ଦେଶ୍ୟରେ ଗୋପବନ୍ଧୁ ନିର୍ବାଚନ ଜିତି ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନସିଲ୍‌ର ସଭ୍ୟ ପଦ ପାଇଥିଲେ। ଓଡ଼ିଶାର ବନ୍ୟା ଦୁର୍ଗତଙ୍କ ପାଇଁ ଗୋପବନ୍ଧୁ ସାହାଯ୍ୟ ସଂଗ୍ରହ କରି ନିଃସ୍ୱ ଓ ନିସହାୟ ଲୋକମାନଙ୍କୁ ଦୁର୍ଦ୍ଦିନରେ ସହାୟ ହୋଇଥିଲେ। ଗୋପବନ୍ଧୁ ମନୁଷ୍ୟର ଦୁଃଖ ଦୈନ୍ୟରେ ଲହୁଲୁହାଣ ହୋଇ ଲୁହ ଝରାଉଥିଲେ ଓ ଘାତ ପ୍ରତିଘାତ ସତ୍ତ୍ୱେ ସହାୟତାର ସମସ୍ତ ପ୍ରୟାସ କରୁଥିଲେ। ନିଜର ବ୍ୟକ୍ତିଗତ ଅଭାବ ଅସୁବିଧାକୁ ଅଣଦେଖାକରି, ସେ ନିଃସ୍ୱ ନିସହାୟକୁ ବଞ୍ଚିବାର ରାହା ଦେଖାଇଥିଲେ। ଗୋପବନ୍ଧୁ ଭାବୁଥିଲେ ମମତା ଓ ଭାତୃଭାବ ହିଁ ହେଉଛି ଜାତୀୟତାର ମୂଳମନ୍ତ୍ର। ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ଗଣସ୍ୱାର୍ଥରେ ଜାତୀୟତାର ବିକାଶ ହୁଏ। ପଣ୍ଡିତ ଗୋପବନ୍ଧୁ ଦାସ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଭରି ଦେଇଥିଲେ ତ୍ୟାଗ ଓ ଦେଶ ପ୍ରେମର ବାର୍ତ୍ତା। ଦେଶ ଓ ଜାତିର ଉନ୍ନତି ପାଇଁ ସେ ନିଜକୁ ସମର୍ପିତ କରି ଦେଇଥିଲେ। ଦେଶ ଓ ଜାତି ପାଇଁ ଏପରି ଆତ୍ମବଳିଦାନର ପରମ୍ପରା କେବଳ ଗୋପବନ୍ଧୁ ସୃଷ୍ଟି କରି ଯାଇଛନ୍ତି। ସେ ଥିଲେ ଜାତୀୟତାର ଜୀବନ୍ତ ପ୍ରତୀକ। ସମଗ୍ର ବିଶ୍ୱ ସାହିତ୍ୟରେ ଏପରି ଚିନ୍ତାଧାରା ଦେଖିବାକୁ ମିଳେ ନାହିଁ। ବାସ୍ତବରେ ଗୋପବନ୍ଧୁ ଥିଲେ ଜଣେ ଦରଦୀ, ପରପୋକାରୀ, ହୃଦୟବାନ ମଣିଷ। ତାଙ୍କର ତ୍ୟାଗ ଓ ଜାତି ପ୍ରେମ ପାଇଁ ଓଡ଼ିଆ ଜାତି ତାଙ୍କୁ ଚିରଦିନ ପାଇଁ ମନେ ରଖିଥିବ। ଉତ୍କଳମଣିଙ୍କୁ ସ୍ମରଣ କରିବା ପାଇଁ ତାଙ୍କ ଜନ୍ମତିଥି ବା ଶ୍ରାଦ୍ଧ ଦିବସରେ କେବଳ ପୁଷ୍ପମାଲ୍ୟ ଦେଲେ ଚଳିବ ନାହିଁ। ତାଙ୍କ ନିଃସ୍ୱାର୍ଥପର ସେବା ମନୋଭାବ ନିଜ ଜୀବନରେ ବ୍ରତ ଭାବେ ଗ୍ରହଣ କଲେ ଏହା ହେବ ଉତ୍କଳମଣିଙ୍କ ପାଇଁ ଶ୍ରେଷ୍ଠ ଅର୍ଘ୍ୟ ଓ ଶ୍ରେଷ୍ଠ ସମ୍ମାନ।


ସେକ୍ଟର -୯, ସିଡିଏ, କଟକ, ଦୂରଭାଷ : ୯୯୩୭୨୨୪୦୮୫,


# କଳା ଅବତାର, ଅଂଶାବତାର ଓ ରାମାବତାର


॥ ଡା.ଦିଲ୍ଲୀପ କୁମାର ମହାରଣା ॥


ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ ‘ଟୀକା ରାମାୟଣ’ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ ‘ଟୀକା ରାମାୟଣ’ ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ୍ୟ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ୍ୟ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୁତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।


ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯


# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା


॥ ସୁଶାନ୍ତ ଭୂୟାଁ ॥


ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୁଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା’ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଢ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ ‘ପ୍ରଗତିବାଦୀ’ ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ୍ୟ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ୍ୟ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଙ୍କୋଚତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ୍ୟ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।



# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






# ସୁନାମୀ ପ୍ରସ୍ତୁତ ସର୍ଭେ ପାଇଁ ପହଞ୍ଚିଲା ଜାତୀୟ ଟିମ୍

## ଜାତିସଙ୍ଘ ରେ ପହଞ୍ଚିବ ରିପୋର୍ଟ



ଅସ୍ତରଙ୍ଗ, ମହାଭାରତ : ପୁରୀ ଜିଲ୍ଲା ରେ ଚାରି ଗୋଟି ସ୍ଥାନ ସୁନାମୀ ପ୍ରବଣ ଅଞ୍ଚଳ ଥିବା ବେଳେ ଅସ୍ତରଙ୍ଗ ବ୍ଲକ କେଉଟଜଂଘା ଗ୍ରାମ ଅନ୍ୟତମ, ଏହାକୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଙ୍କ ତରଫରୁ ଘୋଷଣା କରାଯିବା ପରେ ପ୍ରତ୍ୟେକ ବର୍ଷ ଏହି ବିଭାଗ ତରଫରୁ ସୁନାମୀ ପ୍ରସ୍ତୁତ ପାଇଁ ଏଠି ଥିବା ବାତ୍ୟା ଆଶ୍ରୟସ୍ଥଳରେ ପ୍ରଶିକ୍ଷଣ ଦିଆଯାଏ । ସାଧାରଣତଃ ସୁନାମୀ ଆସିବା ଆଗରୁ ସେହିଭଳି କିଛି ସୂଚନା ନଥାଏ ମାତ୍ର ୨ ଘଣ୍ଟା ପୂର୍ବରୁ ସାଇରନ ବାଜିଉଠେ, ଆଉ ଏହା ବାଜିବା ପରେ ଗ୍ରାମବାସୀ ମାନେ ନିଜ ନିଜ ଧନ ଜୀବନ ସହିତ ଗ୍ରାମ ଠୁ ୨ ରୁ ଅଧିକ କିଲୋମିଟର ସୁନାମୀ ବିପରୀତ ଦିଗ ରେ ଦୌଡ଼ି ପଳେଇଯିବାକୁ ପରାମର୍ଶ ଦିଆଯାଇଛି, ଆଉ ବାତ୍ୟା ଆଶ୍ରୟସ୍ଥଳରେ ଉପର ସ୍ଥାନରେ ପହଞ୍ଚିବା ପାଇଁ ମଧ ପରାମର୍ଶ ଦିଆଯାଇଛି । ଆପଦମିତ୍ର ଓ କିଛି ଯୁବ ଗୋଷ୍ଠୀ ଙ୍କ ଦ୍ୱାରା କିପରି ଗର୍ଭବତୀ ମହିଳା, ଶିଶୁ, ଦିବ୍ୟାଙ୍ଗ ମାନଙ୍କୁ ସୁରକ୍ଷା ଦିଆଯାଇପାରିବ ଏହି ପ୍ରଶିକ୍ଷଣ ବିଭାଗ ତରଫରୁ ପ୍ରତ୍ୟେକ ବର୍ଷ ଦିଆଯିବା ସହ ଏକ ସଚେତନତା ମୂଳକ କାର୍ଯ୍ୟକ୍ରମ ମଧ ହୁଏ କିନ୍ତୁ ଆଜି ଜାତୀୟ ସୁନାମୀ ପ୍ରସ୍ତୁତ ବୋର୍ଡ ତରଫରୁ ହାଇଦ୍ରାବାଦ ସ୍ଥିତ ଆଇଏନସିଓଆଇଏସ ର ନିର୍ଦ୍ଦେଶକ ପତାବି ରାମାରାଓ, ସଭ୍ୟା ଡ଼ଃ ସୁନନ୍ଦା (ବୈଜ୍ଞାନିକ ), ଙ୍କ ନେତୃତ୍ୱ ରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କମିଟି ର ଉପ ପ୍ରବନ୍ଧକ ଡ଼ଃ ଅମ୍ବିକା ପ୍ରସାଦ ମିଶ୍ର, ଗୁଜୁରାଟ ର ବୈଜ୍ଞାନିକ ଡ଼ଃ ଏଞ୍ଜାଲ ଗମାଡ଼ିଆ,ଯଶବନ୍ତ ସିଂ ପରାମର (ବିପର୍ଯ୍ୟୟ ପରିଚାଳନା କମିଟି ପ୍ରବନ୍ଧକ, ଗୁଜୁରାଟ ),ପୁରୀ ଜିଲ୍ଲା ଆପାତକାଳୀନ ବିଭାଗ ଉପଜିଲ୍ଲାପାଳ ମନୀଷା ଷଡ଼ଙ୍ଗୀ କେଉଟଜଂଘା ଠାରେ ପହଞ୍ଚି ସେଠି ସୁନାମୀ ରେଡି ର ମାନଦଣ୍ଡ ଯା□ କରିଥିଲେ ।ଲୋକ ମାନଙ୍କ ସହ ସୁନାମୀ ବାବଦରେ ଆଲୋଚନା କରିବା ସହ ସୁନାମୀ ଆସିଲେ କିପରି ନିଜକୁ ସୁରକ୍ଷା କରିପାରିବେ ସେ ବିଷୟରେ ପଚାରି ବୁଝିଥିଲେ ଓ ଉପସ୍ଥିତ ଗ୍ରାମବାସୀ ଓ ଆପଦମିତ୍ର ଙ୍କ ଦ୍ୱାରା ଆୟୋଜିତ ହୋଇଥିବା ସୁନାମୀ ରେଡି ଉଦ୍ଧାର କୌଶଳ ର କିଛି କାର୍ଯ୍ୟକ୍ରମ ର ନାଟ୍ୟ ରୂପାନ୍ତର ଦେଖିଥିଲେ । ଅସ୍ତରଙ୍ଗ ଦମକଳ ବାହିନୀ କିପରି ଏହି ବିପଦ ସମୟ ରେ ଫସି ରହିଥିବା ଲୋକ ମାନଙ୍କୁ ସିଡ଼ି ଓ ଦୌଡ଼ି ମାଧମ ରେ ଉଦ୍ଧାର କରିବେ ତାହାର ମଧ ନାଟ୍ୟ ରୂପାନ୍ତରିତ କାର୍ଯ୍ୟକ୍ରମ କେନ୍ଦ୍ରୀୟ ଟିମ୍ ସମ୍ମା ରେ ପରିଚାଳନା କରିଥିଲେ । ଏହି ସବୁ କାର୍ଯ୍ୟକ୍ରମ କୁ ଦେଖି ସୁନାମୀ ସୁରକ୍ଷା ମାନଦଣ୍ଡ ଯାଞ୍ଚ କରିବା ପରେ କେଉଟଜଂଘା ଲୋକ ମାନଙ୍କୁ କେନ୍ଦ୍ରୀୟ ଟିମ୍ ପ୍ରଶଂସା କରିଥିଲେ ଏହା ସହିତ ଏହି ରିପୋର୍ଟ କାର୍ଡ ଜାତୀୟ ବୋର୍ଡ ରେ ଆଲୋଚନା ହୋଇ ଆଗାମୀ ଦିନରେ ମିଳିତ ଜାତିସଙ୍ଘ ନିକଟରେ ଅସ୍ତରଙ୍ଗ କେଉଟଜଂଘା କୁ ପହ□ଇବା କୁ ଚେଷ୍ଟା କରାଯିବ ବୋଲି ଟିମ୍ ମତାମତ ରଖିଛି, ଏହି ଟିମ୍ ପହଞ୍ଚିବା ପରେ ଗ୍ରାମବାସୀ ଙ୍କ ତରଫରୁ ପୁଷ୍ପ ଗୁଚ୍ଛ ଦିଆଯାଇ ହୁଳହୁଳି ଓ ବନ୍ଦାପନା କରି ବାତ୍ୟା ଆଶ୍ରୟସ୍ଥଳୀ କୁ ପାଛୋଟି ଅଣାଯାଇଥିଲା, ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ତରଫରୁ ଅଧକ୍ଷା ଶ୍ରୀମତୀ ଆରତୀ ନାୟକ ଓ ଉପାଧକ୍ଷ ଦୁର୍ଜ୍ୟ ମିଶ୍ର ଉପସ୍ଥିତ ରହି ଲୋକ ମାନଙ୍କୁ ସୁନାମୀ ସମୟ ରେ ପ୍ରଶିକ୍ଷଣ ଅନୁଯାୟୀ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ।

# ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍ ଠାରେ ଜିଲ୍ଲାସ୍ତରୀୟ ବିକାଶ ମେଳା ଶୁଭ ଉଦ୍ଘାଟିତ ହୋଇଯାଇଅଛି ।ରାଜ୍ୟ ସରକାରଙ୍କ ବିକାଶ ମୂଳକ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡ଼ିକର ସୂଚନା-ଶିକ୍ଷା-ସଞ୍ଚାର କାର୍ଯ୍ୟକ୍ରମ ମାଧ୍ୟମରେ ଜନ ସାଧାରଣଙ୍କୁ ସଚେତନତା ସୃଷ୍ଟି ପାଇଁ ବିକାଶ ମେଳା ଆଜି ଠାରୁ ୨୩-ସେପ୍ଟେମ୍ବର, ୨୦୨୪ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଚାଲୁରହିବ । ଆଜିର ଏହି ମେଳାରେ ମୁଖ୍ୟଅତିଥି ଭାବେ ଶ୍ରୀଯୁକ୍ତ ବିଭୁତି ଭୂଷଣ ଜେନା, ମାନ୍ୟବର ମନ୍ତ୍ରୀ ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି, ଓଡ଼ିଶା ଯୋଗଦେଇ ବିକଶିତ ଓଡିଶା ପ୍ରଗତିର ନୂତନ ସୂର୍ଯ୍ୟୋଦୟ କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଛନ୍ତି । ଏହି ମେଳାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଶ୍ରୀ କେ.ନାରାୟଣ ରାଓ, ପୂର୍ବତନ ବିଧାୟକ ପାରଳାଖେମୁଣ୍ଡି, ଶ୍ରୀମତୀ ମାଳତୀ ପ୍ରଧାନ, ଅଧକ୍ଷା ପଞ୍ଚାୟତ ସମିତି ନୂଆଗଡ଼ ଓ ଡ.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଗଜପତି ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଉଦଘାଟନୀ ଉତ୍ସବରେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଜେନା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରି ନିଜ ବକ୍ତବ୍ୟରେ କହିଥିଲେ ଯେ ରାଜ୍ୟରେ ୧୦୦ଦିନ ପୂରଣ କରିଥିବା ସରକାରଙ୍କ ସଫଳ କାହାଣି ବର୍ଣ୍ଣନା କରିବା ସହ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ମିଳିତ ଭାବେ ଓଡିଶାର ସାମଗ୍ରୀକ ବିକାଶ ଓ ସମୃଦ୍ଧି ଦିଗରେ ଅଗ୍ରସର ହେଉଛି ।

# ଦୁଇବର୍ଷ ଶିଶୁକନ୍ୟା ସନ୍ଦେହ ଜନକ ମୃତ୍ୟୁ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଅନ୍ତର୍ଗତ ଖଡିକାପଦା ଗ୍ରାମ ରେ ଶୋକା କୁଳ ପରିବେଶ ଖେଳି ଯାଇଛି। ଦୁଇବର୍ଷ ର ଶିଶୁକନ୍ୟା ର ସନ୍ଦେହ ଜନକ ମୃତ୍ୟୁ ଘଟିଛି। ମୃତକ ଶିଶୁ କନ୍ୟା ଟି ଖଡିକାପଦା ଗ୍ରାମର ଶିବ ମୁଣ୍ଡା ଝିଅ ଲିଶା ମୁଣ୍ଡା ବୋଲି ଜଣାପଡି ଛି। ସୂଚନା ରୁ ପ୍ରକାଶ ସକାଳୁ ଶିଶୁକନ୍ୟା ଲିଶା କୁ କ୍ଷୀରପିଆଉ ଥିବା ସମୟ ରେ ହଟାତ ଲିଶା ଅସୁସ୍ଥ ହୋଇ ପଡିଥିଲା। ଏହା ଦେଖି ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ଲିଶା କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସାଧିନ ଅବସ୍ଥାରେ ଲିଶା ର ମୃତ୍ୟୁ ଘଟିଥିଲା । ଖବର ପାଇ ପାଟଣା ପୋଲିସ ସ୍ୱାସ୍ଥ୍ୟ କେନ୍ଦ୍ର ପହଞ୍ଚି ପାଟଣା ଥାନା ରେ ଏକ ମୃତ୍ୟୁ ମାମଲା ରୁଜ କରି ଶିଶୁକନ୍ୟା ର ଶ ବ୍ୟବଛେଦ କରାଯାଇ ଥିଲା । କେଉଁ କାରଣ ରୁ ଶିଶୁକନ୍ୟା ମୃତ୍ୟୁ ହୋଇ ଛି ଶବ ବ୍ୟବଛେଦ ପରେ ଜଣାପଡିବ ବୋଲି ଡାକ୍ତର କହିଛନ୍ତି ।

# ସାପ କାମୁଡ଼ା ରେ ବାବା ଭୈରବାନନ୍ଦ ଗୁରୁତର

କରଞ୍ଜିଆ,(ମହାଭାରତ) ଶୁକ୍ରବାର ବିଳମ୍ବିତ ରାତିରେ ବିଷଧର ସାପ କାମୁଡ଼ା ରେ ଭୈରବ ମଠ ର ବାବା ଭୈରବାନନ୍ଦ ଗୁରୁତର ହୋଇଛନ୍ତି। ପଥମେ ତାଙ୍କୁ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ଘଷିପୁରା ଓ ପରେ କଟକ ବଡ ମେଡିକାଲ କୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ପଞ୍ଚାୟତ ବାଲିଘାଟ ଗ୍ରାମ ଦେଇ ଯାଇଥିବା ସାଳନ୍ଦୀ ନଦୀ ନିକଟରେ ଭୈରବ କୁଣ୍ଡ ରେ ଥିବା ମଠ ର ବାବା ଭୈରବାନନ୍ଦ ଙ୍କୁ ବିଷଧର ସାପ କାମୁଡି ଦେବା ପରେ ତାଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯିବା ପରେ ତାଙ୍କୁ କଟକ ବଡ ମେଡିକାଲ କୁ ସ୍ଥାନାନ୍ତର କରାଯାଇଛି ଏବଂ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ଜଣାପଡିଛି।

# ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦଘାଟିତ



କୋଟପାଡ(ମହାଭାରତ): ସ୍ଥାନୀୟ ପୋଲିସ ପ୍ୟାରେଡ ପଡ଼ିଆରେ ଶନିବାର ଅପରାହ୍ନରେ ଜିଲ୍ଲାସ୍ତରୀୟ ତିନି ଦିନିଆ ବିକାଶ ମେଳା ଉଦଘାଟିତ ହୋଇଛି। ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧକ୍ଷତାରେ ଆୟୋଜିତ ମେଳାକୁ ସ୍କୁଲ ଓ ଗଣଶିକ୍ଷା,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ଏବଂ ସଂଖ୍ୟା ଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୂପୁ ଭତ୍ରା, ଦକ୍ଷିଣ ପଶ୍ଚିମା□ଳ ରେଞ୍ଜ ଡିଆଇଜି ଚରଣ ସିଂହ ମୀନା ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ମଞ୍ଚରେ ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ୱଳନ ପରେ ସୁଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରା ଯାଇଥିଲା। ଏହି ଅବସରରେ ସମ୍ମାନୀତ ଅତିଥି ବୃନ୍ଦ ରାଜ୍ୟ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଅବସରରେ ବିକାଶ ମେଳାରେ ସମସ୍ତଙ୍କ ସଂପୃକ୍ତିକୁ ଉତ୍ସାହିତ କରି ସୁଭଦ୍ରା ଯୋଜନା,ଶ୍ରୀ ମନ୍ଦିର କର୍ପସ୍ ଫଣ୍ଡ , ଭାରତମାଳା ପ୍ରକଳ୍ପ, ସିଏମ କିସାନ ,ସମୃଦ୍ଧ କୃଷକ ଯୋଜନା ଉପରେ ଆଲୋକପାତ କରିଥିଲେୟ ଏହି ଅବସରରେ ମୁଖ୍ୟ ଅତିଥି ନିତ୍ୟାନନ୍ଦ ଗଣ୍ଡ ନିଜ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ଶୁଭାରମ୍ଭ ଏକ ଐତିହାସିକ ପଦକ୍ଷେପ ରୂପେ ବର୍ଣ୍ଣିତ କରି ମୋହନ ମାଝୀ ସରକାର ପ୍ରଥମ ଶହେ ଦିନରେ ଲୋକଙ୍କ କଲ୍ୟାଣ ପାଇଁ ନେଇଥିବା ବିଭିନ୍ନ ପଦକ୍ଷେପ ଓଡ଼ିଆ ଅସ୍ମିତା,ଜନଜାତି ବିକାଶ,ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ ସେବା, ରେଳ ଭିଡିଭୂମୀ, କୃଷକ ଉନ୍ନତି, ଉଚ୍ଚ ଶିକ୍ଷା ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରି ଜିଲ୍ଲାର ବିକାଶରେ ସାମିଲ ହୋଇ ପ୍ରଗତିର ନୂତନ ସୂର୍ଯ୍ୟୋଦୟକୁ ସ୍ୱାଗତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ମେଳାରେ ଓରମାସ, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ ସହ ବିଭିନ୍ନ ବିଭାଗର ୩୦ଟି ଷ୍ଟଲକୁ ମୁଖ୍ୟ ଅତିଥି ଉଦଘାଟନ କରି ପରିଦର୍ଶନ କରିଥିଲେ। ସୁଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସରକାରଙ୍କ ପ୍ରଣୀତ ପ୍ରମୁଖ ଯୋଜନା ଗୁଡ଼ିକ ଏଲ ଇ ଡି ସ୍କ୍ରିନରେ ପ୍ରଦର୍ଶନ ସହ ଓଡ଼ିଆ ଅସ୍ମିତା ସଙ୍ଗୀତ ପରିବେଷଣ ହୋଇଥିଲା। ସେହିପରି ମଞ୍ଚରେ ବିଭିନ୍ନ ବ୍ଲକରୁ ଆସିଥିବା ସୁଭଦ୍ରା ଯୋଜନା,ସାମାଜିକ ସୁରକ୍ଷା ଯୋଜନା,ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ,କ୍ଷୁଦ୍ର ଯୁବ ଉଦ୍ୟୋଗୀ,ଜଙ୍ଗଲ ଜମି ପଟ୍ଟା ହିତାଧିକାରୀଙ୍କୁ ସହାୟତା ରାଶିର ଚେକ୍ ଏବଂ ଉପକରଣ ମୁଖ୍ୟ ଅତିଥି ବଣ୍ଟନ କରିଥିଲେ। କୋରାପୁଟ ଏସପି ଅଭିନବ ସୋନକାର, ଅତିରିକ୍ତ ଜିଲ୍ଲାପାଳ ଆଲୋମଣି ସେଠୀ ଓ ଲଗ୍ନଜିତ ରାଉତ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବାଶିଷ ପଟ୍ଟନାୟକ, କୋରାପୁଟ ଉପ ଜିଲ୍ଲାପାଳ ବେଣୁଧର ଶବର, ଜୟପୁର ଉପଜିଲ୍ଲାପାଳ ସୁଶ୍ରୀ ଏ, ରେଣ୍ଡ୍ରୀ, କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଜୟକୃଷ୍ଣ ମହାପାତ୍ର, ଓଡ଼ିଶା ଜୀବିକା ମିଶନ ଡିପିଏମ ପ୍ରିୟମ୍ବଦା ବିଶୋଇ, କୋରାପୁଟ ବିପିଏମ ସ୍ନେହଲତା ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସ୍ୱରାଜ୍ୟ ସୀସାଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ ଏବଂ ଅଙ୍ଗନବାଡ଼ି କର୍ମୀ, ଏସଏଚଜି ସଭ୍ୟା ଯୋଗ ଦେଇଥିଲେ। ଏହି ମେଳା ମାଧ୍ୟମରେ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ସଚେତନ କରାଯିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିବା ସହ ତିନିଦିନ ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ସୂଚନା ଦେଇଛନ୍ତି।

# ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ ଇତିହାସ ବିଭାଗ ଆନୁକୁଲ୍ୟରେ ସେମିନାର



କଣ୍ଟାପଡ଼ା (ମହାଭାରତ): କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅଧୀନରେ ଥିବା ବ୍ରାହ୍ମଣ ଝରିଲୋ ମହାବିଦ୍ୟାଳୟରେ ଗତ କାଲି ତା ୨୦/୯/୨୦୨୪ ଦିନ ଇତିହାସ ବିଭାଗରେ ଆନୁକୁଲ୍ୟରେ ଏକ ସେମିନାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସେମିନାରକୁ ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଶକୁନ୍ତଳା ସାମଲ ପୌରହିତ୍ୟ କରିଥିଲେ। ଏହି ସେମିନାରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡଃ. ଖାରବେଳ ମହାନ୍ତି ବିଷୟ ବିଶେଷଜ୍ଞ ଭାବରେ ଯୋଗ ଦେଇଥିଲେ। ସେମିନାର ର ଶୀର୍ଷକ ଥିଲାସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଜ୍ଞାତ ଓ ଅଜ୍ଞାତ ନାରି ସଂଗ୍ରାମୀ । ଏହି ଆଲୋଚନାରେ ଅଂଶଗ୍ରହଣ କରି ଡଃ. ମହାନ୍ତି ଓଡ଼ିଶାର ବିସ୍ତୃତ ନାରୀ ସଂଗ୍ରାମୀମାନଙ୍କ ସମ୍ପର୍କ ସୂଚନା ଦେବା ସହ ସ୍ୱାଧୀନତା ସଂଗ୍ରାମରେ ରମାଦେବୀ ଓ ମାଳତୀଦେବୀ ଙ୍କ ତ୍ୟାଗପୂତ ଅବଦାନ ସଂପର୍କରେ ବିଶେଷ ଆଲୋକପାତ କରିଥିଲେ। ସେ ସମୟରେ ଉଭୟଙ୍କ ରାଜନୈତିକ ପ୍ରତିବଦ୍ଧତା କେତେ ଉଚ୍ଚ କୋଟିର ଥିଲା ଉଦାହରଣ ମାଧ୍ୟମରେ ତାହା ସମସ୍ତଙ୍କୁ ଅବଗତ କରାଇଥିଲେ। ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡଃ. ବଂଶୀଧର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଭାଗୀୟ ଅଧାପିକା ଡଃ. ସ୍ନିଗ୍ ଧା ମିତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ସମସ୍ତ ଅଧାପକ ଅଧାପିକା ଏହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ ପୂର୍ବକ ବିଭିନ୍ନ ଦୃଷ୍ଟିକୋଣରୁ ପଚାରିଥିଲେ ଏବଂ ଡଃ. ମହାନ୍ତି ଏହାର ତଥ୍ୟଭିତ୍ତିକ ଉତ୍ତର ପ୍ରଦାନ କରିଥିଲେ। ପ୍ରାଧାପକ ସମୀର କୁମାର ରାଉତ, ଅଧାପକ ମନୋରଞ୍ଜନ ମହାନ୍ତି, ଅଧାପକ ଅକ୍ଷୟ କୁମାର ଆଞ୍ଚଲ, ଅଧାପକ ଅନିଲ କୁମାର ସାହୁ ଏବଂ ଅଧାପିକା ସ୍ୱାଗତିକା ଦାଶ ପ୍ରମୁଖ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିବା ବେଳେ ବିଭାଗୀୟ ଅଧାପକ ଶ୍ରୀ ରଞ୍ଜନ କୁମାର ପରିଜା ସମସ୍ତଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ବିଭାଗ ତରଫରୁ ପ୍ରକାଶିତ ଇତିହାସ ଜର୍ଣ୍ଣାଲ କୁ ଡଃ.ଖାରବେଳ ମହାନ୍ତି ଉନ୍ମୋଚନ କରିଥିଲେ।

# ମୁନସିପାଲଟି ବସ୍ ଟର୍ମିନାଲ ସ୍ଥାନାନ୍ତରଣ ପାଇଁ ପ୍ରସ୍ତୁତି ବୈଠକ

ଦେବଗଡ଼(ମହାଭାରତ): ଦେବଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବିକାଶ ଭବନ କକ୍ଷରେ ସ୍ଥାନୀୟ ବସଷ୍ଟାଣ୍ଡ ସ୍ଥାନାନ୍ତର ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବସଯାତ୍ରୀଙ୍କ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯାଇଥିବା ଜଣାପଡିଛି । ଦେବଗଡ ସହର ଭିତରେ ଦୀର୍ଘ ବର୍ଷ ହେଲା ଅସ୍ଥାୟୀ ଭାବେ ବସଷ୍ଟାଣ୍ଡ ଚାଲି ଆସୁଥିବା ବେଳେ ନୂଆବାଲିରୋଇରେ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ବସଷ୍ଟାଣ୍ଡକୁ ସ୍ଥାନାନ୍ତର ପାଇଁ ଆଲୋଚନା ହୋଇଛି ।ନୂଆବାଲିରୋଇରେ ନିର୍ମାଣ ହୋଇଥିବା ନୂତନ ବସଷ୍ଟାଣ୍ଡ ପୌର ପରିଷଦକୁ ପୂର୍ତ୍ତ ବିଭାଗ ଖୁବ ଶିଘ୍ର ହସ୍ତାନ୍ତର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପୌର ପରିଷଦ ବସଷ୍ଟାଣ୍ଡ ପରିଚାଳନା ଦାୟିତ୍ୱ ପାଇବା ପରେ ଖୁବଶିଘ୍ର କାର୍ଯ୍ୟକ୍ଷମ କରିବାକୁ ଆଲୋଚନା ହୋଇଥିଲା ।ନୂତନ ବସଷ୍ଟାଣ୍ଡରେ ସିସି କ୍ୟାମେରା, ସିକ୍ୟୁରିଟି, ପୋଲିସ ପାଟ୍ରୋଲିଂ, ଟ୍ରାଫିକ ପୋଲିସ, ସ୍ପିଡ ବ୍ରେକର ଆଦିର ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ କରିଥିଲେ । ଏଥିସହ ବସଷ୍ଟାଣ୍ଡ ନିକଟରେ ଦୋକାନ ଗୃହ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ନୂତନ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ପୂର୍ବରୁ ବସଯାତ୍ରୀ ଯେଭଳି କୌଣସି ସମସ୍ୟାର ସମ୍ମୁଖିନ ନେହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ବୈଠକରେ ଆଲୋଚନା ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରକ୍ଷୀତ ସାହୁ, ଆଂଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଭାରପ୍ରାପ୍ତ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜିବ ଲୋଚନ ନାୟକ, ପୋଲିସ ବିଭାଗ ଡିଏସପି କୈଳାଶ ବୁରୁଡ଼ା, ଜିଲ୍ଲା ଘରୋଇ ବସ ମାଲିକ ସଙ୍ଘ ସଦସ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ଥିଲେ।

# ମନରେଗା ରେ ମହା ଦୁର୍ନୀତି କାମ ନକରି ଲକ୍ଷାଧିକ ଟଙ୍କା ହଡ଼ପ



ଖଡ଼ିଆଲ:(ମହାଭାରତ) ବାଟବଣା ମନରେଗା ଯୋଜନା । ମନରେଗା ଯୋଜନାରେ ଦୁର୍ନୀତି ଯୋଗୁଁ ଶ୍ରମିକ ବଦଳ ରେ ମାଲେମାଲ ସରକାରୀ ବାବୁ ଓ ସ୍ଥାନୀୟ ଜନପ୍ରତିନିଧି । କେଉଁଠି ଶ୍ରମିକ ବଦଳରେ ଏଠାରେ ମେସିନ କରୁଛି କାମ ତ କେଉଁଠି ବିନା କାମ ରେ ସରକାରୀ ବାବୁ ମାନେ ଲକ୍ଷାଧିକ ଟଙ୍କା ବିଲ କରି ହଡ଼ପ କରୁଥିବା ନଜର କୁ ଆସୁଛି । ଯାହା ଦ୍ୱାରା ଗରିବ ଶ୍ରମଜୀବୀମାନେ ଗଭୀର ଭାବରେ ପ୍ରଭାବିତ ହେବା ସହିତ କାମଧନ୍ଦା ଅଭାବରୁ ବାଧ ହୋଇ ଅନ୍ୟ ରାଜ୍ୟରେ ଦାଦନ ଖଟିବାକୁ ଯାଉଥିବା ଅଭିଯୋଗ ହୋଇଛି । ପଞ୍ଚାୟତ ସ୍ତରରେ ହେଉଥିବା ଏହି ମନରେଗା ଅନିୟମିତତା ବ୍ଲକ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ବଡ ବଡ ବାବୁଙ୍କ ଇସାରାରେ ଚାଲୁଥିବା ଅଭିଯୋଗ ହୋଇଛି। ଏଭଳି ଏକ ଘଟଣା ସାମ୍ନା କୁ ଆସିଛି ଖଡ଼ିଆଳ ବ୍ଲକ ଲାଞ୍ଜି ପଞ୍ଚାୟତ ଉପରପିଟା ଗାଁ ର ତେନ୍ତୁଲିବନ୍ଦ ଉନ୍ନତି କରଣ ରେ । ବିନା କାମ ରେ ଲକ୍ଷାଧିକ ଟଙ୍କା ଉଠି ସାରିଥିବା ଅଭିଯୋଗ ହୋଇଥିଲେ ହେଁ ନାଁ ହେଉଛି ତଦନ୍ତ ନାଁ ହେଉଛି କାର୍ଯ୍ୟାନୁଷ୍ଠାନ । ଆସନ୍ତୁ ଜାଣିବା ଆମର ଏହି ଖବର ବିନା କାମ ରେ ଲକ୍ଷାଧିକ ଟଙ୍କା ଆତ୍ମସାତ ନୂଆପଡ଼ା ଜିଲ୍ଲା ର ବିଶେଷ କରି ଖଡ଼ିଆଳ ବ୍ଲକ ରେ ମନରେଗା ର ମହାଦୁର୍ନୀତି ଖବର ବାରଂବାର ହେଉଥିଲେ ହେଁ ଏହାର ଚେର ତଳୁ ଉପର କୁ ଲାଗିଥିବା ରୁ ଏହା କମିବା ବଦଳରେ ବଢ଼ିବଢ଼ି ଚାଲିଛି । ବିଶେଷ କରି ଖଡ଼ିଆଳ ବ୍ଲକ ର ସମସ୍ତ ପଞ୍ଚାୟତ ରେ ମନରେଗା ଦୁର୍ନୀତି ଅଭିଯୋଗ ହୋଇ ଆସୁଅଛି ।ରାସ୍ତା ଘାଟ, ପୋଖରୀ ଖନନରେ ଜେସିବି ଓ ଟ୍ରାକ୍ଟର ବ୍ୟବହାର ଏକ ସାଧାରଣ କଥା ହୋଇଥିବା ବେଳେ ଏହାର ପୃଷ୍ଠପୋଷକ ସାଜିଛନ୍ତି ବ୍ଲକର ସରକାରୀ ବାବୁ ଓ ପଞ୍ଚାୟତର ଜନପ୍ରତିନିଧି । ବିଶେଷ କରି ଦୀର୍ଘ ଦିନ ଧରି ସ୍ଥାୟୀ ଭାବେ ଥିବା ଇଚଙ୍ଗ ଙ୍କ ଇଙ୍ଗିତ ରେ ଦୁର୍ନୀତି ଚାଲିଥିବା ଅଭିଯୋଗ ହେଉଛି ।ଏଠି ସମସ୍ତ ଙ୍କ ମନରେ ଗୋଟିଏ ପ୍ରଶ୍ନ ବାରମ୍ବାର ଅଭିଯୋଗ ସ□ ପ୍ରଶାସନ ରେ କେଉଁ ସ୍ୱାର୍ଥ ରେ ଦୀର୍ଘ ବର୍ଷ ଧରି ଜଣେ ଇଚଙ୍ଗ ଖଡିଆଳ ବ୍ଲକ ରେ କାର୍ଯ୍ୟରତ ସମସ୍ତ ଙ୍କୁ ଚକିତ କରିଛି ।ଜିଲ୍ଲା ପ୍ରଶାସନ ଏହାର ବିଚାର କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ୟ ଖଡିଆଳ ବ୍ଲକ ମନରେଗା ଦୁର୍ନୀତି । ଗନ୍ତାଘର ସାଜିଥିବା ବେଳେ, ଅଭିଯୋଗ ଓ ଖବର ଏକ ଅଭ୍ୟାସ ରେ ପରିଣତ ହୋଇଛି । ବର୍ତ୍ତମାନ ଲାଞ୍ଜୀ ପ□ାୟତ ଉପରପିଟା ତେନ୍ତୁଲିବନ୍ଦ ମନରେଗା ଦୁର୍ନୀତି ସମସ୍ତ ଙ୍କୁ ଚକିତ କରିଛି । କାମ ନକରି ହାରାହାରି ତିନିଲକ୍ଷ ଟଙ୍କା ଉଠାଣ ହୋଇଥିବା ଘଟଣା ସାମ୍ନା କୁ ଆସିବା ପରେ ପ୍ରଶାସନିକ୍ କ୍ଷେତ୍ର ରେ ଛନକା ଖେଳି ଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ରେ ତେନ୍ତୁଲିବନ୍ଦ୍ ଉନ୍ନତିକରଣ ନାଁ ରେ ବିନା କାମ ରେ ତିନିଲକ୍ଷ୍ ଟଙ୍କା ଉଠାଣ ହୋଇଛି । ଉକ୍ତ ପୋଖରୀ ରେ ବର୍ତ୍ତମାନ ପାଣି ଭର୍ତ୍ତି ଥିବା ବେଳେ ମାଟି କାମ କେମିତି ହେଲା, ସେଠି ସୂଚନା ଫଳକ ଲାଗି ନାହିଁ, ଗାଁର ଶ୍ରମିକ ଜାଣି ନାହାନ୍ତି, ଏତେ ସବୁ କାର୍ଯ୍ୟ ରେ ଇରଞ୍ଜ ଠାରୁ ଆରମ୍ଭ କରି ସରପ□, ଏଜଝ, ଯନ୍ତ୍ରୀ , ଓ ଇଚଙ୍ଗ କେମିତି ବିଲ କଲେ ତାହା ସମସ୍ତ ଙ୍କୁ ଚକିତ କରିଛି ।ଏହି ଘଟଣା ରେ ସମ୍ପୂର୍ଣ୍ଣ ଭାବରେ ସ୍ଥାନୀୟ ସରପ□ ଓ ବ୍ଲକ ଇଚଙ୍ଗ ଙ୍କ ଇଙ୍ଗିତ ରେ ଦୁର୍ନୀତି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସବୁଠୁ ବଡ଼କଥା ସ୍ଥାନୀୟ ଶ୍ରମିକ ଙ୍କ ବଦଳ ରେ ଅନ୍ୟ ଗାଁର ଶ୍ରମିକ ଙ୍କ ଖାତାକୁ ଟଙ୍କା ପଠା ଯାଇଥିବା ଜାଣିବାକୁ ମିଳିଛି । ଏବାବଦରେ ରେ ଗ୍ରାମବାସୀ ବ୍ଲକ ବିଡ଼ିଓ ଙ୍କ ଠାରୁ ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ କରି ଦୋଷୀ ମାନଙ୍କ ବିରୁଦ୍ଧ ରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅପରପକ୍ଷରେ ଆମେ ଖଡ଼ିଆଳ ବିଡ଼ିଓ ଙ୍କୁ ଏ ବାବଦ ରେ ପଚାରିବା ରୁ ଘଟଣା କୁ ହାଲୁକା ର ସହ ନେଇ , ଅଭିଯୋଗ ହୋଇଛି ତଦନ୍ତ କରାଯାଇ କାର୍ଯ୍ୟାନଷ୍ଠାନ ନିଆଯିବ ବୋଲି କହିଛନ୍ତି। ଲାଂଜୀ ପଞ୍ଚାୟତ ଉପରପିଟା ଗାଁ ରେ ହୋଇଥିବା ମନରେଗା ଦୁର୍ନୀତି ଖବର ହାଟ ରେ ପଡି ଦାଣ୍ଡ ରେ ଗଡୁଥିବା ବେଳେ ଏହା କିପରି ସମ୍ଭବ ହେଲା ଲୋକେ ଚର୍ଚ୍ଚା କରୁଛନ୍ତି। କେବଳ ଯେ ଏଥିରେ ଇରଞ୍ଜ, ଏଜଝ ଙ୍କ ସମ୍ପୃକ୍ତି ଅଛି ତାହା ନୁହେଁ ନିଶ୍ଚିନ୍ତ ଭାବରେ ସ୍ଥାନୀୟ ସରପଞ୍ଚ, ବିଭାଗୀୟ ଯନ୍ତ୍ରୀ ଓ ବିଶେଷ କରି ଇଚଙ୍ଗ ଙ୍କ ସମ୍ପୃକ୍ତି ଜଳଜଳ୍ ହୋଇ ଦିଶୁଛି । ଏଣୁ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀ ମାନଙ୍କ ବିରୁଦ୍ଧ ରେ କଡା ରୁ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ହୋଇ ପଡିଛି।

## ମେଲାଣି ନେଲେ ଦେବଶିଳ୍ପୀ ବିଶ୍ୱକର୍ମା ମେଢ

### ସାଜସଜ୍ଜାକୁ ପୁରସ୍କୃତ କଲେ ଶିକ୍ଷ ମନ୍ତ୍ରୀ

ପାରାଦୀପ(ମହାଭାରତ): ରବିବାର ଦିନରୁ ରାତି ପର୍ଯ୍ୟନ୍ତ ବାଜାବାଣ ସହିତ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଛି । ଶନିବାର ଦିନ ରାତିରେ ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜାର ପଂଚମ ଦିବସରେ ସୁନ୍ଦର ଓ ଆକର୍ଷଣୀୟ ମେଢ, ଆଲୋକ ସାଜସଜ୍ଜା,ଆଭ୍ୟନ୍ତରୀଣ ସାଜସଜ୍ଜା କରିଥିବା ଦଳମାନଙ୍କୁ ପୁରସ୍କୃତ କରିଛନ୍ତି ପାରାଦୀପ ବିଧାୟକ ତଥା ମାନ୍ୟବର ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ବିଶ୍ୱକର୍ମା ପୂଜାରେ ସଫଳ ଆୟୋଜନ ନିମନ୍ତେ ବିଭିନ୍ନ ପୂଜାମଣ୍ଡପକୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ




ପାରାଦୀପ ପୌରପାଳିକା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀଙ୍କ ସମେତ ସାଂସଦ ବିଭୂ ପ୍ରସାଦ ତରାଇ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଯୋଗ ଦେଇଥିଲେ । ପୁରସ୍କାର ବିତରଣ ଉତ୍ସବକୁ ପରିଚାଳନା କରିଥିଲେ ନଗରପାଳ ବସନ୍ତ ବିଶ୍ୱାଳ । ବାହ୍ୟ ସାଜସଜ୍ଜାରେ ଓମ୍ପା ପ୍ରଥମ, ଡମ୍ପର ମାଲିକ ସଂଘ ୨ୟ ହୋଇଥିବା ବେଳେ ଜଗନ୍ନାଥ ଟ୍ରକ ମାଲିକ ସଂଘ ୩ୟ ହୋଇଥିଲେ । ଆଭ୍ୟନ୍ତରୀଣ ସାଜସଜ୍ଜାରେ ପାରାଦୀପ ଟ୍ରକ୍ ମାଲିକ ସଂଘ ୧ମ, ଜଗତସିଂହପୁର ଜିଲ୍ଲା ଟ୍ରକ୍ ମାଲିକ ସଂଘ୨ୟ,ଓମ୍ପା ଏବଂ ପାରାଦୀପ ଏରସମା ଶିଳ୍ପାଂଚଳ ଶ୍ରମିକ ସଂଘ ଯୁଗ୍ମ ଭାବେ ୩ୟ ସ୍ଥାନ ହାସଲ କରିଥିବା ବେଳେ ବିଦ୍ୟୁତ ସାଜସଜ୍ଜାରେ ବନ୍ଦର ବିଦ୍ୟୁତ ବିଭାଗ ୧ମ, ଜଗତସିଂହପୁର ଜିଲ୍ଲା ଟ୍ରକ୍ ମାଲିକ ଓ ଡର ମାଲିକ ସଂଘ ଯୁଗ୍ମ ୨ୟ, ଓ। ଓ ପାରାଦୀପ ଟ୍ରକ୍ ମାଲିକ ସଂଘ ଯୁଗ୍ମ ୩ୟ, ଶ୍ରେଷ୍ଠ ଶୃଙ୍ଖଳିତ ମଣ୍ଡପ ଶ୍ରେଣୀରେ ଓମ୍ପାକୁ ୧ମ ସ୍ଥାନ, ପାରାଦୀପ ଟ୍ରକ୍ ମାଲିକ ସଂଘ ୨ୟ ଓ ଭାରତୀୟ ବନ୍ଦର ମଜୁଦର ସଭାକୁ ୩ୟ ସ୍ଥାନ ମିଳିଛି । ସାଂସ୍କୃତିକ କାର୍ଯ୍ୟକ୍ରମ ବର୍ଗରେ ଭାରତୀୟ ବନ୍ଦର ମଜୁଦର ସଭାକୁ ପୁରସ୍କୃତ କରିଥିଲେ ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ । ରବିବାର ଦିନ ସକାଳୁ ଆରମ୍ଭ ହୋଇଛି ଦେବଶିଳ୍ପୀଙ୍କର ଭସାଣ ଉତ୍ସବ । ପାରାଦୀପ ବିଶ୍ୱକର୍ମାରେ ସାମିଲ ହୋଇଥିବା ସମସ୍ତ ମଣ୍ଡପ ପକ୍ଷରୁ ଭାସାଣ କାର୍ଯ୍ୟକ୍ରମ ଆକର୍ଷଣୀୟ ସାଜସଜ୍ଜାରେ ଦେବଶିଳ୍ପୀଙ୍କୁ ନେଇ ସମୁଦ୍ରକୂଳରେ ପୌରପାଳିକା ପକ୍ଷରୁ ନିର୍ମିତ ପୋଖରୀରେ ବିସର୍ଜନ କରିଛନ୍ତି ।

## ବିଷମ କଟକ ଠାରେ ଭାଗବତ ପାରାୟଣ ଉଦ୍‌ଯାପିତ



ବିଷମ କଟକ(ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ରାଧା କୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଶ୍ରୀମଦ ଭାଗବତ ପାରାୟଣ ଉଦ୍ୟାପିତ ହୋଇଯାଇଛି । ଶନିବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସହ ସାମୂହିକ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା । ଗତ ୧୮ ତାରିଖ ପୂର୍ଣ୍ଣିମା ବୁଧବାର ଠାରୁ ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଭାଗବତ ଅଧ୍ୟାୟର ଶ୍ରୀକୃଷ୍ଣ ଜନ୍ମ, ନନ୍ଦ ଉତ୍ସବ ପାଳନ ଓ ଭଜନ କୀର୍ତ୍ତନରେ ଏକ ଆଧାତ୍ମିକ ମହଲରେ ମହକି ଉଠିଥିଲା ଗାଁ ପରିବେଶ । ଭାଗବତ କୃପା ଲାଭ କରିବା ପାଇଁ ବିଷମ କଟକ ସମେତ ଆଖପାଖ ଅଞ୍ଚଳରୁ ଶତାଧିକ ଭକ୍ତ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ପୌରହିତ ଭାବେ ଶିବରାମ ରଥ , କେଶବ ରଥ,ରାମ ରଥ,ସପନ ରଥ,ବାଳମୁକୁନ୍ଦ ପାଳ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ ।କାର୍ଯ୍ୟକ୍ରମ ରବିନ୍ଦ୍ର ପଣ୍ଡା, ସୁବାସ ବକ୍ସି,ଲକ୍ଷଣ ଗୌଡ଼,କିଟୁ ରଣା,ଦେବୀ ପଟନାୟକ, ପ୍ରସାଦ ଦାସ, କୈଳାଶ ପଣ୍ଡା ସମେତ ରାଧା କାନ୍ତ ମନ୍ଦିର ପରିଚ୍ଛଳନା କମିଟି ର ସମସ୍ତ ସଦସ୍ୟ ପରିଚ୍ଛଳନା କରିଥିଲେ । ସୂଚନାଥାଉକି, ଭାଗବତ ପରାୟଣ କ୍ରମଶଃ ଗ୍ରାମା□ଳରେ ଲୋପ ପାଇବାକୁ ବସିଛି । ବିଷମ କଟକ ଠାରେ ଦୀର୍ଘ ବର୍ଷ ହେଲା ଏହି ପରମ୍ପରାକୁ ବଞ୍ଚାଇ ରଖିଛନ୍ତି ।

## ମହିଳା ରୋଗୀଙ୍କୁ ଅସଦାଚରଣ ଅଭିଯୋଗ ରେ ଡାକ୍ତର ଗିରଫ

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ସହର ସ୍ଥିତ ମୋହତୟ ହସ୍ପିଟାଲ ରେ ଜଣେ ମହିଳା ରୋଗୀ ଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଡାକ୍ତର କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ଅଭିଯୋଗ ଅନୁଯାୟୀ ,ଶନିବାର ଅପରାହ୍ନ ପ୍ରାୟ ୨.୩୦ ମିନିଟ ସମୟରେ ଯୋଡା ଅଞ୍ଚଳ ର ଜଣେ ମହିଳା ରୋଗୀ ଉକ୍ତ ହସ୍ପିଟାଲ କୁ ଚିକିତ୍ସା ପାଇଁ ଯାଇଥିଲେ ।ସେଠାରେ ଡାକ୍ତର ଓମ୍ ପ୍ରକାଶ ମୋହୋତୟ ଙ୍କୁ ଦେଖାଇବା ପରେ ତାଙ୍କର ଅଲଟ୍ରାସାଉଣ୍ଡ କରିବା ପାଇଁ କହିଥିଲେ ।ଡାକ୍ତର ଙ୍କ ନିର୍ଦ୍ଦେଶ ମୁତାବକ ମହିଳା ରୋଗୀ ଙ୍କୁ ହସ୍ପିଟାଲ ର ଜଣେ ମହିଳା କର୍ମଚାରୀ ଅଲଟ୍ରାସାଉଣ୍ଡ କକ୍ଷ କୁ ନେଇ ଥିଲେ ।ତେବେ ସେଠାରେ ମହିଳା ଙ୍କୁ ଡାକ୍ତର ଅସଦାଚରଣ କରିଥିବା ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି ।ଅଭିଯୋଗ ପରେ ଯୋଡା ପୋଲିସ ଅଭିଯୁକ୍ତ ଡାକ୍ତର ଅୟନ୍ଦୋଲ୍ ମୋହତା କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏ ନେଇ ଯୋଡା ଥାନାରେ କେସ ନଂ୨୬୪/୨୦୨୪ ରୁଜୁ ହୋଇଛି। ଏ ସମ୍ପର୍କରେ ହସ୍ପିଟାଲ ର ମାଲିକ ଓମ୍ ପ୍ରକାଶ ମୋହତ ।କହିଛନ୍ତି ଯେ,ଅଭିଯୋଗ ଭିତିହୀନ,ପୋଲିସ କୌଣସି ତଦନ୍ତ ନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

## ମାନଝରି ଗ୍ରାମରେ ସ୍କାଉଟ ଓ ଗାଇଡ ୟୁନିଟ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ

ଗୋଲାମୁଣ୍ଡା(ମହାଭାରତ):ଭାରତର କୋଣ ଅନୁକୋଣ ରେ ଗତ ୧୭ ତାରିଖ ରୁ ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଏହି ସ୍ୱଚ୍ଛତା ହି ସେବା କାର୍ଯ୍ୟ କ୍ରମ କରାଯାଉଛି। ଏଥିପାଇଁ ବିଭିନ୍ନ ସରକାରୀ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗେଇ ଆସିଛନ୍ତିୟ ସେଭଳି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମାନଝରି ଗ୍ରାମରେ ଆଜି ସର୍ବ ମଙ୍ଗଳା ମହାବିଦ୍ୟାଳୟ ତରଫରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ସର୍ବ ମଙ୍ଗଳା ମହାବିଦ୍ୟାଳୟ ର ପି ଇ ଟି ଅଧ୍ୟାପକ ସନ୍ତୋଷ କୁମାର ବାରିକ ଙ୍କ ନେତୃତ୍ୱରେ ସ୍କାଉଟ ଓ ଗାଇଡ ୟୁନିଟ ଦ୍ୱାରା ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମାନଝରି ରାସ୍ତାରେ ପାଣି ଆଣ୍ଠୁ ଏ ପାଣି ଜମି ରହୁଥିଲା କାରଣ ଦୀର୍ଘ ଦିନ ଧରି ଡ୍ରେନ ସଫା ହୋଇ ନ ଥିଲା ଆଜି ଏହି କାର୍ଯ୍ୟ କ୍ରମରେ ସମାଜ ସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ମଧ ସ୍ୱଚ୍ଛତା କାର୍ଯ୍ୟ କ୍ରମରେ ସାମିଲ ହୋଇ ଡ୍ରେନ ସଫା କରିଥିବା ଦେଖିବାକୁ ମିଳିଛି । ମାନଝରି ଗ୍ରାମ ପଞ୍ଚାୟତ ର ସରପଞ୍ଚ ଜଗ ଜୀବନ ଅଗ୍ରିଆ , ସାମ୍ବାଦିକ ପଙ୍କଜ ସାହୁ ,ଚୂଡାମଣି ଅଗ୍ରିଆ , ଓ ସର୍ବ ମଙ୍ଗଳା ମହାବିଦ୍ୟାଳୟ ର ୟୁନିଟ ମିଶି ଡ୍ରେନ ସଫା କରିଥିଲେ ।

## ଖପ୍ରାଖୋଲ ଅଞ୍ଚଳରେ ଥମୁନି ଦାଦନ ସମସ୍ୟା

ପାଟଣାଗଡ଼ ( ମହାଭାରତ ) ବଦଳିଲା ସରକାର ହେଲେ ବଦଳିଲା ନାହିଁ ଦାଦନ ସମସ୍ୟା। ଦାଦନ ପ୍ରବଣ ଅଞ୍ଚଳ କୁହା ଯାଉ ଥିବା ବଲାଙ୍ଗୀର ଜିଲ୍ଲାର ଦୃଶ୍ୟ , ନବାଉ ସରୁସରୁ କିଛି ଦିନ ପରେ ବେଲପଡ଼ା ପୋଲିସ ଦ୍ୱାରା ଦାଦନ ଶ୍ରମିକ କୁ ଉଦ୍ଧାର କରିବା ସହ ଜଣେ ସର୍ଦ୍ଦାର କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ବ୍ୟାପକ ସଚେତନତା ସତ୍ୱେ ବେଆଇନ ଭାବରେ ଦାଦନ ଚାଲାନ କମିବା ଥମୁନି । ଲାଠୋର ଠାରେ ଦାଦନ ଶ୍ରମିକ ସଚେତନ ଶିବିର ଅନୁଷ୍ଠିତ ହୋଇଥିବାର ୧୦ ଘଣ୍ଟା ଭିତରେ ଖପ୍ରାଖୋଲ ପୋଲିସ ଗୋଟିଏ ୮ ମାସର ଶିଶୁ ସହ ୧୧ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିବା ଜଣା ପଡିଛି । ସୂଚନା ଅନୁସାରେ ଖପ୍ରାଖୋଲ ପୋଲିସ ଗତକାଲି ସନ୍ଧ୍ୟା



ସମୟରେ । ରାସ୍ତାରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କିଛି ଲୋକ ବସକୁ ଅପେକ୍ଷା କରୁଥିବା ଦେଖି ସେମାନଙ୍କୁ ପଚରା ଉଚରା କରିଥିଲେ ସେମାନଙ୍କ ମଧ୍ୟରୁ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କଟାପାଲି ଗ୍ରାମର ୮ ଜଣ ପଡ଼ିଆବାହାଲ ଅନ୍ତର୍ଗତ ପାଚେର ଗ୍ରାମର ୩ ଜଣ ଦାଦନ ଶ୍ରମିକ ହୋଇଥିବା ଜଣା ପଡ଼ିଛି । ଶ୍ରମିକ ଙ୍କ ମଧ୍ୟରେ ଜଣ ପୁରୁଷ ୩ ଜଣ ମହିଳା ଥିବା ବେଳେ ୮ ମାସର ଏକ ଶିଶୁ ଥିବା ଜଣାପଡ଼ିଛି । ଦାଦନ ଶ୍ରମିକ ମାନଙ୍କୁ ଲାଠୋର ଥାନା ଅନ୍ତର୍ଗତ ସାହାଜପାଣି ଗ୍ରାମର ପଦ୍ମନ ମେହେର ଏବଂ ଖପାଖୋଲ ଥାନା ଅନ୍ତର୍ଗତ କଟାପାଲି ଗ୍ରାମର ଗଦା ଝାଙ୍କର ସେମାନଙ୍କୁ ଲାଠୋର ପରେ ସେମାନଙ୍କୁ ଟ୍ରେନ ଯୋଗେ ତେଲେଙ୍ଗାନା ରାଜ୍ୟ ବିଜୟବାଡ଼ା ନିକଟକୁ ବେଆଇନ ଭାବରେ ଦାଦନ ଚାଲାଣ କରୁଥିବା ଖପ୍ରାଖୋଲ ପୋଲିସ ସୂଚନା ଦେଇଛି । ଏ ନେଇ ଖପ୍ରାଖୋଲ ଥାନା କେସ ନଂ ୨୨୧ / ୨୦୨୪/ରେ ଭାରତୀୟ ପେନାନ କୋଟ ଧାରା ୧୪୩/୧୪୬/ ୩୧୮ ( ୪ ) /୩ ( ୫ ) ବିଏନଏସ ୨୫ ଅନ୍ତହ ରାଜ୍ୟ ପ୍ରବାଶି ଶ୍ରମିକ ନିୟମ ଅନୁଯାୟୀ ଅଭିଯୁକ୍ତ ମାନଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ସମସ୍ତ ଶ୍ରମିକ ମାନଙ୍କୁ ନିଜ ନିଜ ଗ୍ରାମକୁ ପଠାଇ ଦିଆ ଯାଇ ଥିବା ବେଳେ କେଶ କୁ ନେଇ ଅଧିକ ତଦନ୍ତ ଚାଲିଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି ।

## ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ଆର୍ନ୍ତଜାତୀୟ ବେଳାଭୂମି ସଫେଇ ଦିବସ ପାଳିତ



ପାରାଦୀପ(ମହାଭାରତ): ଭାରତୀୟ ତଟରକ୍ଷୀ ବାହିନୀ ତତ୍ୱାବଧାନରେ ଆର୍ନ୍ତଜାତୀୟ ବେଳାଭୂମି ସଫେଇ ଦିବସ ପାଳିତ ହୋଇଯାଇଛି । ସମଗ୍ର ବିଶ୍ୱରେ ୧୨ ମିଲିୟନ୍ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଏକ ସମୟରେ ସାମିଲ ହୋଇ ବେଳାଭୂମି ସଫା କରିବା ସହିତ ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ । ପାରାଦୀପ ସମୁଦ୍ର ବେଳାଭୂମିରେ ୪୫୦ରୁ ଉର୍ଦ୍ଧ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ । ଭାରତୀୟ ତଟରକ୍ଷୀ ବାହିନୀ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଏନଏସଏସ, ଏନସିସି କ୍ୟାଡେଟ୍ସମାନେ ସକ୍ରିୟ ଭାବେ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇ ପାଖାପାଖି ୯୦୦କେଜି ଅଳିଆ ସଂଗ୍ରହ କରାଯାଇଥିଲା । ଯେଉଁଥିରେ ପ୍ଲାଷ୍ଟିକ ବର୍ଯ୍ୟ ମଧ ସଂଗୃହିତ ହୋଇଥିବା ନେଇ ତଟରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ-୭, ପାରାଦୀପ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ସ୍ୱଚ୍ଛ ଉପକୂଳ, ସୁରକ୍ଷିତ ସମୁଦ୍ର ଏବଂ ପ୍ଲାଷ୍ଟିକ ମୁକ୍ତ ପରିବେଶ ସମ୍ପର୍କରେ ଜନସାଧାରଣଙ୍କୁ ସଚେଇ ଦେବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ସୂଚନା ମିଳିଛି ।

## ଟିକାବାଲି ସାମ୍ବାଦିକ ସଂଘର ନୂତନ କର୍ମ କର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

କନ୍ଧମାଳ (ମହାଭାରତ): କନ୍ଧମାଳ ଜ଼ିଲ୍ଲା ଟିକାବାଲି ମା ଭୈରୀ କଲ୍ୟାଣ ମଣ୍ଡପ ଠାରେ ଟିକାବାଲି ସାମ୍ବାଦିକ ସଂଘ ତରଫରୁ ବଡ଼ ପଟୁଆରରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବରେନ୍ୟ ଅତିଥି ବୃନ୍ଦ ମାନଙ୍କ ଦ୍ୱରା ପ୍ରଦୀପ ପ୍ରଜ୍ୟଳନ କରାଯାଇଥିଲା ଏବଂ ସମ୍ମାନିତ ଅତିଥି ବୃନ୍ଦ ଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଅର୍ପଣ କରି ସମ୍ବର୍ଦ୍ଧନା କରାଯାଇ ଆସନ ଅଳଙ୍କୃତ କରାଯାଇଥିଲା ଏବଂପିକରଡ଼ି ରୁ ଆସିଥିବା କଳାକାର ମହାସଂଘର କୁନି କୁନି ଝିଅ ମାନଙ୍କ ଦ୍ୱରା ସୁନ୍ଦର ନୃତ୍ୟ ପରିବେଷଣ ପରେ ଉପଦେଷ୍ଟା ଶ୍ରୀ କ୍ରିଷ୍ଣା ଚନ୍ଦ୍ର ଡିଗଲ ସାମ୍ବାଦିକ ସଙ୍ଘ ଗଠନର ଲକ୍ଷ, ଉଦେଶ୍ୟ ସ୍ୱରୂପ ମୁଖ୍ୟବନ୍ଧକୁ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ସମ୍ପାଦକ କୁନା ଦିଗାଲ ବିଗତ ତିନି ବର୍ଷ ମଧ୍ୟରେ ସଂଘ ଦ୍ୱରା କରାଯାଇଥିବା ଜନହିତକର କାର୍ଯ୍ୟ କୁ ପଠନ କରିଥିଲେ ଇତ୍ୟ ଅବସରରେ ନୂତନ ଭାବରେ ଚୟନ ହୋଇଥିବା ସଂଘର ଉପଦେଷ୍ଟା ଭାବରେ ଶ୍ରୀ ଯୁକ୍ତ କ୍ରିଷ୍ଣା ଚନ୍ଦ୍ର ଡିଗଲ, ସଭାପତି ସନୁଜ କୁମାର ବେହେରା, ସମ୍ପାଦକ କୁନା ଦିଗାଲ, ସହ ସମ୍ପାଦକ ସଂଜୀବ ଦିଗାଲ, ଉପସଭାପତି ରାଜକିଶୋର ପ୍ରଧାନ, ଓ କୋଷାଧକ୍ଷ ଭାବରେ ହେମନ୍ତ ମୁଖୀ ଙ୍କୁ ପୁଷ୍ପଗୁଚ୍ଛ ଏବଂ ଉ□ରୀୟ ଅର୍ପଣ କରି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ନିମନ୍ତ୍ରିତ ଅତିଥି ବୃନ୍ଦ ଶ୍ରୀ ଯୁକ୍ତ ଦିଲୀପ କହଁର ଅଧକ୍ଷ ପଂଚାୟତ ସମିତି ଟିକାବାଲି, ରାମବିଶି ଦିଗାଲ ଏସି ମୋର୍ଚ୍ଚ ରାଜ୍ୟ ଉପ ସଭାପତି, ଶ୍ରୀ ମତୀ ବିଷ୍ଣୁ ପ୍ରିୟା ପଣ୍ଡା ଅଧକ୍ଷା ମହାବିଦ୍ୟାଳୟ, ଟିକାବାଲି ପ୍ରକାଶ ଭୋଇ, ଅବସରର ଶିକ୍ଷକ କୃଷ୍ଣ ପ୍ରଧାନ, ସୋସିଆଲ ୱାରକର ଏବଂଆକ୍ଟିଭି ଶିକ୍ଷକ ଅରବିନ୍ଦ ମହାପାତ୍ର,ଆକ୍ଟିଭି ଲିଡର ଚନ୍ଦନ ପଣ୍ଡା, ହିରୋ ନୟକ, ରୁଦ୍ର ପ୍ରସାଦ ସେଠି, କେଦାର ନାଥ ଦିଗାଲ, ବଳରାମ ପାତ୍ର, କଳାକାର ମହାସଂଘ ସମ୍ପାଦକ ବଳି କହଁର, ପ୍ରେମନ୍ତ କହଁର, ମିନାକ୍ଷୀ ମଲିକ, କୋରାଟ ପ୍ରଶିକ୍ଷଣ ଗୋପାଳ କହଁର,ଏହିପରି ଅନେକ ବ୍ୟକ୍ତି ବୃନ୍ଦ ଯାହାର ଅବଦାନ ଏକ ଆଦର୍ଶ ସମାଜ ଗଠନ ଦିଗରେ ସହାୟକ ହେଉଛି ସେହିପରି ମହାନ ମହୋଦୟ ମାନଙ୍କୁ ସଂଘ ପରିବାର ତରଫରୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଅର୍ପଣ କରି ଆସନରେ ଅଳକୃତ କରାଯାଇଥିଲା ଯାହାକି ବେଶ ରୋମା□କର ଥିଲା ଇତି ମଧ୍ୟରେ ନିମନ୍ତ୍ରିତ ବରେନ୍ୟ ଅତିଥି ବୃନ୍ଦ ଅତି ସୁନ୍ଦର ଏବଂ ଚମତ୍କାର ଭାବରେ ସାମ୍ବାଦିକ ମାନଙ୍କୁ ନିଜର ବହୁମୂଲ୍ୟ ବକ୍ତବ୍ୟ ମାଧ୍ୟମରେ କାର୍ଯ୍ୟ ଉତ୍ସାହି ହେବାକୁ ଦିଗ ଦର୍ଶନ ଦେଇଥିଲେ ଏହି କାର୍ଯ୍ୟକ୍ରମ କୁ ଅତି ସୁଚାରୁରୂପେ ପରିଚାଳନା କରିଥିଲେ ସଂଜୀବ ଦିଗାଲ ଓ ନୂତନ ସଭାପତି ସାନୁଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଜସ୍ର ଖଣି ଟଙ୍କା ବାକି,ଆଦାୟ ହେଲେ ସରକାର ଙ୍କୁ ମିଳିବ ଦଶ ହଜାର କୋଟି ଟଙ୍କା ରୁ ଉର୍ଦ୍ଧ୍ୱ

### ଜିଲ୍ଲାର ବିକାଶ ରେ ବାଧକ ସାଜିଛି ଆଦାୟ ହୋଇ ପାରୁ ନ ଥିବା ଜୋରିମାନା

ଯୋଡା(ମହାଭାରତ)ରାଜ୍ୟ ର ପ୍ରମୁଖ ଖଣି ଅଞ୍ଚଳ ଭାବେ ବିଖ୍ୟାତ ଯୋଡା ଖଣି ମଣ୍ଡଳ ଏବଂ ଖଣି ଦୁର୍ନୀତି ର ତଦନ୍ତ ବେଳେ କୁଖ୍ୟାତ ଯୋଡା ଖଣି ମଣ୍ଡଳ ରେ ଏବେ ବି ପ୍ରାୟ ୧୦ ହଜାର କୋଟି ଟଙ୍କା ପୈଠ ନ ହୋଇ ଆଇନଗତ ମାମଲା ଓ ବୈଧାନିକ ମାମଲା ପଡ଼ି ରହିଛି ।ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ତଥ୍ୟ ରୁ ଜଣାପଡିଛି ଯେ,ଖଣି ଅନିୟମିତତା କରି କୋର୍ଟ ଦ୍ୱାରା ଜୋରିମାନା ଦେବା ପାଇଁ ଦଣ୍ଡିତ ହୋଇଥିବା କିଛି ଖଣି ଲିଜ ଧାରୀ ୨ ହଜାର ୭ଶହ ୯କୋଟି ୪୭ଲକ୍ଷ ୬୩ ହଜାର୯୯୨ ଟଙ୍କା ବକେୟା ରଖିଛନ୍ତି ।ମିଳିଥିବା ତଥ୍ୟ ଅନୁଯାୟୀ,ଏହି ବକେୟା ରଖିଥିବା ଖଣି ଲିଜ ଧାରୀ ମାନଙ୍କ ନାମରେ ସରକାର ସାର୍ଟିଫିକେଟ କେଶ କରିଛନ୍ତ । କେଶ ନଂ୩୦/୨୯୧୮ ରେ ଏଚ ଜି ପାଣ୍ଡ୍ୟା ଖଣି କୁ ୯୨ କୋଟି ୬୬ଲକ୍ଷ ୨୧ ହଜାର ୪୮୩ କୋଟି ଟଙ୍କା ଜୋରିମାନା ହୋଇଛି । କେଶ ନଂ୩୨/ ୨୦୧୮ରେ ମେସର୍ସ ବିପିଏମ୍‌ଇ ଲିମିଟେଡ କମ୍ପାନୀ,କଲିକତା କୁ ଜୋରିମାନା ରାଶି ବାବଦ କୁ ୮୪୬ କୋଟି ୨୮ ଲକ୍ଷ ୬୩ ହଜାର ୨୦୯ ଟଙ୍କା ହୋଇଛି । କେଶ ନଂ ୩୬/୨୦୧୮ ରେ ବି କେ ମହାନ୍ତି ଖଣି ଲିଜ ଧାରୀ ଙ୍କ ନାମରେ ୪୧୨ କୋଟି ୫୭ଲକ୍ଷ ୬୨ ହଜାର ୮୯୩ ଟଙ୍କା ଜୋରିମାନା ହୋଇଛି। କେଶ ନଂ ୩୭/୨୦୧୮ ରେ ମେଶର୍ସ ଟିବି ଲାଲ ଆଣ୍ଡ କମ୍ପାନୀ କୁ ୯୯ କୋଟି ୮୩ ଲକ୍ଷ ୨୨ ହଜାର ୧୨୫ ଟଙ୍କା ଜୋରିମାନା ହୋଇଛି । କେଶ ନଂ ୩୯/ ୨୦୧୮ ରେ ବି ସି ଦେବ ଖଣି କୁ ୧୨୫ କୋଟି୬୭ଲକ୍ଷ ୮୩ ହଜାର ୪୦୬ ଟଙ୍କା ଜୋରିମାନା ହୋଇ ଥିବା ବେଳେ ଏହା ସୁପ୍ରିମ କୋର୍ଟ ରେ ବିଚାରାଧୀନ ରହିଛି । କେଶ ନଂ ୪୦/ ୨୦୧୮ ରେ ଅର୍ଜୁନ ଲୋଦ୍ଧା ଖଣି କୁ ୬୮ କୋଟି ୧ଲକ୍ଷ ୪୬ ହଜାର ୮୮୯ ଟଙ୍କା ଜୋରିମାନା ହୋଇଛି । ମେସର୍ଶ ମିନେରାଲ ଟ୍ରେଡିଂ ସିଣ୍ଡିକେଟ କୁ କେଶ ନଂ ୪୫/ ୨୦୧୮ ମୁତାବକ ୩ କୋଟି ୬୬ ଲକ୍ଷ ୧୪ ହଜାର ୮୬୮ ଟଙ୍କା ଜୋରିମାନା ହୋଇଛି । କେଶ୍ ନଂ ୪୬/୨୦୧୮ ରେ ଭଞ୍ଜ ମିନେରାଲ ଲିଜ ଧାରୀ କୁ ୭୮ କୋଟି ୩୮ ଲକ୍ଷ ୧୮ ହଜାର ୧୬୭ ଟଙ୍କା ଜୋରିମାନା ରହିଛି । କେଶ ନଂ ୪୮/ ୨୦୧୮ ରେ ମେସର୍ଷ ମିଡଇଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ଲିମିଟେଡ କୁ ୬୭୭ କୋଟି ୯୨ ଲକ୍ଷ ୨୩ ହଜାର ୫୩ ଟଙ୍କା ଜୋରିମାନା ହୋଇଛି । କେଶ ନଂ ୫୦/ ୨୦୧୮ ରେ ଏସ ଏନ୍ ଦାସ ମହାପାତ୍ର ଖଣି କୁ ୫ କୋଟି ୧୮ ଲକ୍ଷ ୭୭ହଜାର ୯୨୨ ଟଙ୍କା ଜୋରିମାନା ହୋଇଥିବା ବେଳେ ଏହାକୁନେଇ କୋର୍ଟ ରେ ମାମଲା ବିଚାରାଧିନ ରହିଛି ।ସେହିପରି ନିଲାମ ପ୍ରକ୍ରିୟା ରେ ଖଣି ହାତେଇ ଥିବା ସିରାଜୁଦ୍ଦିନ ଖଣି ର ମାଇନ୍ ଡେଭଲପମେ□ ଏଣ୍ଡ ପ୍ରଡକ୍ସନ ଏଗ୍ରିମେ□ ଅନୁଯାୟୀ,ପ୍ରାୟ ୧୮ ହଜାର ୮ ଶହ କୋଟି ଓ ଜଗତ ଜନନୀ ଖଣି ଲିଜ ଧାରୀ ଙ୍କ ର ୮୨୦ କୋଟି ଟଙ୍କା ଅନାଦେୟ ଉପରେ ମାମଲା ହାଇକୋର୍ଟ ରେ ବିଚାରାଧୀନ ରହିଛି ।ଏହି ଅର୍ଥ ବିଭିନ୍ନ ବୈଧାନିକ କାରଣ ଓ କୋର୍ଟ ରେ ବିଚାରାଧିନ ଥିବାରୁ ଅନାଦେୟ ରହିଛି ।ପ୍ରାୟତଃ ଅନେକ ଖଣି ଜୋରିମାନା ଅର୍ଥ ପୈଠ କରି କେଶ୍ କ୍ଲୋଜ୍ କରି ସାରିଥିବା ବେଳେ ଆହୁରି ହଜାର ହଜାର କୋଟି ଟଙ୍କା ବକେୟା ରହିଛି ଯ ଏ ନେଇ ଯୋଡା ବିକାଶ ପରିଷଦ ସଭାପତି ନିରଂଜନ ବହିଦାର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ,ଖଣି ଅନିୟମିତତା କରି କିଛି ଖଣି ଗୁଡ଼ିକ ବନ୍ଦ ହୋଇ ପଡ଼ିଛି । ଯାହାଦ୍ୱାରା ଖଣି ଅଞ୍ଚଳ ବାସୀ କ୍ଷତିଗ୍ରସ୍ତ ହେଉଛନ୍ତି ।ସରକାର ମଧ୍ୟ ରାଜସ୍ୱ ପାଉ ନାହାଁନ୍ତି ଯଖଣି ଗୁଡ଼ିକ ଚାଲିଲେ ସ୍ଥାନୀୟ ଅଞ୍ଚଳ ବାସୀ ନିଯୁକ୍ତି ପାଇବା ସହିତ ସରକାର ଙ୍କ ରାଜସ୍ୱ ବୃଦ୍ଧି ହୁଅନ୍ତା । ଏଣୁ ସରକାର ଜୋରିମାନା ଆଦାୟ କରିବା ସହିତ ଖଣି ଚାଲିବା ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ଓ ଏହା ହେଲେ ଖଣି ଅଞ୍ଚଳ ର ବିକାଶ ହୋଇ ପାରନ୍ତା ବୋଲି ସେ ମତ ଦେଇଥିଲେ ।

## ପଣ୍ଡିତ ନେହେରୁ ଟ୍ରଷ୍ଟ ପକ୍ଷରୁ ସପ୍ତାହବ୍ୟାପି ସଫେଇ କାର୍ଯ୍ୟକ୍ରମ ଉଦଯାପିତ




ପାରାଦୀପ(ମହାଭାରତ): ପାରାଦୀପର ଅଗ୍ରଣୀ ଅନୁଷ୍ଠାନ ପଣ୍ଡିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଆରମ୍ଭରୁ ଶେଷ ଦିନ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା । ଟ୍ରଷ୍ଟର ଉପଦେଷ୍ଟା ତଥା କଂଗ୍ରେସ୍ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରଂଜନ ନାୟକଙ୍କ ଉପସ୍ଥିତିରେ ଟ୍ରଷ୍ଟର ସଦସ୍ୟ କର୍ମକର୍ତ୍ତା ଓ କଂଗ୍ରେସ୍ ଦଳର କର୍ମୀମାନେ ବିଶ୍ୱକର୍ମା ପୂଜା ଅଂଚଳ ସଫେଇ କରୁଥିଲେ । ନଗର କଂଗ୍ରେସ୍ ସଭାପତି କେଦାରନାଥ ବିଶ୍ୱାଳଙ୍କ ନେତୃତ୍ୱରେ କର୍ମୀମାନେ ବିଶ୍ୱକର୍ମା ପୂଜା ଅଂଚଳର ପୂର୍ବ ଦିନର ଅଳିଆକୁ ପ୍ରତିଦିନ ସଫେଇ କରାଯାଉଥିଲା । ବିଶ୍ୱକର୍ମା ପୂଜାରେ କେବଳ ପାରାଦୀପ ପୌରପାଳିକା ହିଁ ପୂଜା ଅଂଚଳରୁ ଅଳିଆ ସଂଗ୍ରହ କରୁଥିଲା । ପାରାଦୀପରେ ଏତେ ଗୁଡିଏ ସାମାଜିକ ଅନୁଷ୍ଠାନ, କ୍ଲବ୍, ଟ୍ରଷ୍ଟ,ଏନଜିଓ ଥିବା ବେଳେ କେହି ବି ସ୍ୱଚ୍ଛତାର କାର୍ଯ୍ୟ କରି ନଥିବା ଚଳିତ ବର୍ଷ ନବ ଗଠିତ ପଣ୍ଡିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ପୂଜା ଅଂଚଳ ପ୍ରତ୍ୟେକ ଦିନ ସକାଳୁ ଏକଜୁଟ ହୋଇ ଅଳିଆ ସଫା କରିବା ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି । ରବିବାର ଦିନ ଟ୍ରଷ୍ଟ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ପରେ ଚାରା ବ□ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନଗରପାଳ ବସନ୍ତ ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଯୋଗ ଦେଇ ଟ୍ରଷ୍ଟର ଏହି କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ । । ଟ୍ରଷ୍ଟର ଉପଦେଷ୍ଟା ନିରଂଜନ ନାୟକ, ନଗର କଂଗ୍ରେସ୍ ସଭାପତି କେଦାରନାଥ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ମୋତେ ଏବେ କେଉଁ ବି ମନ୍ଦିରର ପ୍ରସାଦ ମିଳିଲେ ଡର ଲାଗୁଛି : ରାମନାଥ କୋବିନ୍ଦ

**ନୂଆଦିଲ୍ଲୀ,୨୨।୯ :** ଭାରତର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତିରୁପତି ମନ୍ଦରରେ ଲଡୁରେ ମିଶ୍ରଣକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ସେ କହିଛନ୍ତି କି ପ୍ରସାଦକୁ ନେଇ ହିନ୍ଦୁମାନଙ୍କର ଗଭୀର ଆସ୍ଥା ଥାଏ । ହେଲେ ଏହି ମିଶ୍ରଣ ଖବର ଶ୍ରଦ୍ଧାଳୁଙ୍କ ମନରେ ଗଭୀର ଚିନ୍ତା ଉପୁଜାଇଛି । ସେ ଆହୁରି ବି କହିଛନ୍ତି କି ''ମୁଁ କାଶୀ ବିଶ୍ୱନାଥ ମନ୍ଦିରର ଦର୍ଶନ କରିପାରିଲିନି । ମାତ୍ର ମୋର କିଛି ସହଯୋଗୀ ମନ୍ଦିର ଯାଇଥିଲେ ଓ ସେମାନେ ଆଣି ମୋତେ ପ୍ରସାଦ ଦେଲେ । ସେହି ସମୟରେ ମୋତେ ତିରୁପତି ମନ୍ଦିରର ମିଶ୍ରଣ କଥା ମନେ ପଡ଼ିଗଲା । ମୋ ମନରେ ଭୟ ଖେଳିଗଲା ଯେ ଏପରି ସମସ୍ୟା କେବଳ ଗୋଟାଏ ମନ୍ଦିରରେ ସୀମିତ ହୋଇପାରେନା । ଅନ୍ୟ ମନ୍ଦିରରେ ବି ହୋଇଥାଇପାରେ ।



'କୋବିନ୍ଦ ଏହି ମିଶ୍ରଣକୁ ନେଇ ଆହୁରି ବି କହିଛନ୍ତି ଯେ ''ମିଶ୍ରଣ ତ ପାପ କାମ । ହିନ୍ଦୁ ଶାସ୍ତ୍ରରେ ବି ଏହାକୁ ପାପ ବୋଲି ଉଲ୍ଲେଖ କରାଯାଇଛି । ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ଏକ ଆସ୍ଥାର କଥା । ଏଥିରେ ମିଶ୍ରଣ କରିବା ଏକ ନିନ୍ଦନୀୟ କଥା।''ସେହିପରି ବିଜେପି ନେତା ଓ କେନ୍ଦ୍ର ମନ୍ତ୍ରୀ ଶୋଭା କନ୍ଦରଲାଜେ ମଧ୍ୟ ତିରୁପତି ମନ୍ଦିର ସହ ଜଡ଼ିତ ବିବାଦକୁ ନେଇ ଆନ୍ଧ୍ରପ୍ରଦେଶ ସରକାରଙ୍କଠାରୁ ତଦନ୍ତ ଦାବି କରିଛନ୍ତି । ସେ ଏକ ସୋସିଆଲ୍ ମିଡିଆ ପୋଷ୍ଟ୍ କରି କହିଛନ୍ତି କି ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ସରକାରଙ୍କୁ ଏକ ବିଶେଷ ଟିମ୍ ଗଠନ କରିବା ଉଚିତ ।

### ତିରୁପତି ଲଡୁ ବିବାଦ

# ସିବିଆଇ ତଦନ୍ତ ଦାବି କଲେ କେନ୍ଦ୍ର ମନ୍ତ୍ରୀ

**ନୂଆଦିଲ୍ଲୀ,୨୨।୯ :** ତିରୁପତି ଲଡୁ ସହ ଜଡିତ ବିବାଦ ସମ୍ପର୍କରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ କଡା ତଥା ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଶୋଭା କରନ୍ଦଲାଜେ । ସୋଶାଲ ମିଡିଆରେ ଏକ ପୋଷ୍ଟ କରି ସେ କହିଛନ୍ତି ଯେ ଏହି ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଦଳ ଗଠନ କରିବା ଉଚିତ । ଏଥିସହ ଏହି ମାମଲା ସିବିଆଇକୁ ହସ୍ତାନ୍ତର କରିବା ଉଚିତ । ସେ କହିଛନ୍ତି ଯେ ' ହିନ୍ଦୁମାନଙ୍କ ବିଶ୍ୱାସ ଏବଂ ଆସ୍ଥା ଉପରେ ସିଧାସଳଖ ଆକ୍ରମଣ ହୋଇଛି, ଏହାକୁ ବରଦାସ୍ତ କରାଯିବ ନାହିଁ ।'କେବଳ ସେତିକି ନୁହେଁ ଗତ ୪ ବର୍ଷ ଭିତରେ ତିରୁପତି ଲଡୁ ପାଇଁ ଘିଅ ଯୋଗାଉଥିବା ଯୋଗାଣକାରୀଙ୍କ ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଶୋଭା କରନ୍ଦଲାଜେ ମଧ୍ୟ ଦାବି କରିଛନ୍ତି । କିଏ ଟେଣ୍ଡର ପାଇଛନ୍ତି ଏବଂ କେଉଁଠାରୁ ଘିଅ ଯୋଗାଇ ଦିଆଯାଉଛି ତାହା ସ୍ପଷ୍ଟ ହେବା ଉଚିତ ବୋଲି ସେ କହିଛନ୍ତି । ଆନ୍ଧ୍ରପ୍ରଦେଶ ସରକାରଙ୍କ ତରଫରୁ ଏହି ମାମଲାରେ କରନ୍ଦଲାଜେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଦାବି କରି କହିଛନ୍ତି ଯେ ଏବେ ଆଉ କୌଣସି ଗୋପନୀୟତା ରହିବା ଉଚିତ ନୁହଁ, ପୂରା ସତକୁ ସାମ୍ନାକୁ ଆଣିବାର ସମୟ ଆସିଛି । ହିନ୍ଦୁ ବିଶ୍ୱାସ ସହ ଜଡିତ ଏହି ପ୍ରସଙ୍ଗରେ ବିଜେପି ନେତାଙ୍କ ଏହି କଠୋର ଦାବି ରାଜନୈତିକ ତଥା ଧାର୍ମିକ ସ୍ତରରେ ହଇଚଇ ସୃଷ୍ଟି କରିଛି । ସେପଟେ କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ମଧ୍ୟ ଲଡୁ ବିବାଦକୁ ନେଇ ଉଦ୍ବେଗ ପ୍ରକାଶ କରିଛନ୍ତି । ସେ କହିଛନ୍ତି, 'ଏହା କୋଟି କୋଟି ହିନ୍ଦୁମାନଙ୍କ ଆସ୍ଥା ଓ ବିଶ୍ୱାସର ବିଷୟ । ଏଥିରେ କୌଣସି ରାଜନୀତି ହେବା ଉଚିତ ନୁହେଁ । ଶୀଘ୍ର ସତ୍ୟ ବାହାରକୁ ଆସିବା ଉଚିତ । ଯଦି ଲ୍ୟାବ ରିପୋର୍ଟ ଠିକ ଅଛି ତେବେ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ।'



### ଶିଖ୍ ବୟାନ ବିବାଦ

# ପ୍ରଥମଥର ପାଇଁ ମୁହଁ ଖୋଲିଲେ ରାହୁଲ ଗାନ୍ଧି

**ନୂଆଦିଲ୍ଲୀ,୨୨।୯ :** ଶିଖ ସଂପ୍ରଦାୟକୁ ନେଇ କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଦେଇଥିବା ବୟାନକୁ ବିଜେପି ତୀବ୍ର ସମାଲୋଚନା କରି ଚାଲିଛି । ଏହାକୁ ନେଇ ରାଜନୀତିକ ବିବାଦ ମଧ୍ୟ ଦେଖାଯାଇଛି । ଦିନକୁ ଦିନ ବିବାଦ ତେଜୁ ଥିବା ବେଳେ ପ୍ରଥମଥର ପାଇଁ ରାହୁଲ ଗାନ୍ଧି ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି । ସେ ନିଜ ବୟାନକୁ ଡିଫେଣ୍ଡ କରିଛନ୍ତି ଓ ବିଜେପି ସବୁ ପ୍ରସଙ୍ଗ ଭଳି ଏଥର ମଧ୍ୟ ମିଥ୍ୟାର ପ୍ରଚାର କରୁଥିବା କହିଛନ୍ତି । ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ନିଜ ମତ ରଖି ରାହୁଲ ଗାନ୍ଧି କହିଛନ୍ତି, ମୋର ଆମେରିକା ବୟାନକୁ ନେଇ ବିଜେପି ମିଛର ପ୍ରଚାର କରୁଛି । ଭାରତ ଓ ବିଦେଶରେ ରହୁଥିବା ମୋର ସମସ୍ତ ଶିଖ ଭାଇ ଭଉଣୀମାନଙ୍କୁ ଗୋଟିଏ ପ୍ରଶ୍ନ କରିବାକୁ ଚାହୁଁଛି । ମୁଁ ଯାହା ବି କହିଛି, ସେଥିରେ କିଛି ଭୁଲ ଅଛି କି ? ଭାରତ ଏମିତି ଏକ ଦେଶ ହେବା କଥା ନୁହେଁ କି ଯେଉଁଠାରେ ପ୍ରତିଟି ଶିଖ ଓ ପ୍ରତ୍ୟେକ ଭାରତୀୟ ସେମାନଙ୍କ ଧର୍ମକୁ ବିନା ଭୟରେ ଅନୁସରଣ କରିପାରିବେ ?ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଆତିଶୀସବୁଥର ଭଳି ବିଜେପି ଏବେ ମିଛର ସାହାରା ନେଇଛି । ସେମାନେ ମୋତେ ଚୁପ କରିବାକୁ ଲାଗିପଡ଼ିଛନ୍ତି । କାରଣ ସେମାନେ ସତକୁ ଗ୍ରହଣ କରିବାକୁ ଚାହୁଁ ନାହାନ୍ତି । କିନ୍ତୁ ମୁଁ ସବୁବେଳେ ଭାରତକୁ ଦର୍ଶାଉ ଥିବା ମୂଲ୍ୟବୋଧ ସମ୍ପର୍କରେ ମତ ରଖିବି । ଭାରତରେ ଧାର୍ମିକ ସ୍ୱାଧୀନତା ସମ୍ପର୍କରେ ରାହୁଲ ଗାନ୍ଧି ଆମେରିକାରେ ମତ ରଖିଥିଲେ । ସେ କହିଥିଲେ ଯେ ଭାରତରେ ଶିଖମାନେ ପଗଡ଼ି ପିନ୍ଧି ପାରିବେ କି ନାହିଁ କିମ୍ବା କଡ଼ା ପିନ୍ଧି ପାରିବେ କି ନାହିଁ, ତା'କୁ ନେଇ ଲଢେ ଚାଲିଛି । ଜଣେ ଶିଖ ହିସାବରେ ଗୁରୁଦ୍ୱାରା ଯାଇ ପାରିବେ କି ନାହିଁ, ବର୍ତ୍ତମାନ ସେହି ଲଢେ ଚାଲିଛି । ଏହି ଲଢେ କେବଳ ଶିଖମାନଙ୍କ ପାଇଁ ନୁହେଁ, ସବୁ ଧର୍ମାବଲମ୍ବୀଙ୍କ କ୍ଷେତ୍ରରେ ଘଟୁଛି ବୋଲି ରାହୁଲ ମତ ରଖିଥିଲେ । ଏପରି ବୟାନକୁ ବିଜେପି ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି । ବିଦେଶରେ ଏପରି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ମତ ରଖିବା ଅତ୍ୟନ୍ତ ବିପଦଜନକ ପ୍ରଚାର ବୋଲି ବିଜେପି କହିଥିଲା ।

# ବିଜେପି ପାକିସ୍ତାନକୁ ବାହା ହୋଇଯାଇଛି

**ନୂଆଦିଲ୍ଲୀ,୨୨।୯ :** ଜମ୍ମୁ-କଶ୍ମୀରରେ ମେଣ୍ଟ କରିଥିବା କଂଗ୍ରେସ ଓ ନ୍ୟାଶନାଲ କନଫରେନ୍ସର ଏଜେଣ୍ଡା ପାକିସ୍ତାନ ସହ ମେଳ ଖାଉଥିବା ଅଭିଯୋଗ କରି ଦୁଇ ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ତୀବ୍ର ସମାଲୋଚନା କରିବାରେ ଲାଗିଛନ୍ତି । ମୋଦି ଓ ଶାହଙ୍କ ଏପରି ସମାଲୋଚନାର ଦୃଢ ଜବାବ ଦେଇଛନ୍ତି କଂଗ୍ରେସ ମୁଖିଆ ତଥା ରାଜ୍ୟସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ । ସେ ଅଭିଯୋଗକୁ ଦୃଢ଼ତାର ସହ ଖଣ୍ଡନ କରିବା ସହ କହିଛନ୍ତି ଯେ ବିଜେପି ସମ୍ଭବତଃ ଆମକୁ(ଭାରତ) ଭଲ ପାଇପାରେ । କିନ୍ତୁ ଦଳ ପାକିସ୍ତାନକୁ ବିବାହ କରି ସାରିଛି । ତାଙ୍କ କହିବା କଥା ଯେ ଜମ୍ମୁ-କଶ୍ମୀର ପାଇଁ କଂଗ୍ରେସର ଏଜେଣ୍ଡା ହେଲା ଲୋକଙ୍କ କଲ୍ୟାଣ ଓ ବିକାଶ । ପାକିସ୍ତାନ ସହ ଏହାର କୌଣସି ସମ୍ପର୍କ ନାହିଁ । ଶନିବାର ଜମ୍ମୁରେ ଗୋଟିଏ ସାମ୍ବାଦିକ ସମ୍ମିଳନୀ କରି ଖଡଗେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କଟାକ୍ଷ କରିଛନ୍ତି । ସେ କହିଛନ୍ତି, ଆମ ପାର୍ଟି ସେମିତି ନୁହେଁ, ଯିଏ ପାକିସ୍ତାନ ଯାଇ ବିରିୟାନୀ ଖାଇଥିଲେ ଓ ଆଲିଙ୍ଗନ କରିଥିଲେ । ଏଠାରେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ୨୦୧୫ ଅପ୍ରତ୍ୟାଶିତ ପାକିସ୍ତାନ ଗସ୍ତ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଏହି ସମୟରେ ମୋଦି ତାଙ୍କ ପାକିସ୍ତାନ ପ୍ରତିପକ୍ଷ ନୱାଜ ଶରିଫଙ୍କୁ ଭେଟିବାକୁ ଇସଲାମାବାଦରେ ବିମାନ ଧରି ପହଞ୍ଚି ଯାଇଥିଲେ । ଖଡଗେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ପାକିସ୍ତାନ, କଂଗ୍ରେସ ଓ ନ୍ୟାଶନାଲ କନଫରେନ୍ସର ଏଜେଣ୍ଡା ସମ୍ପର୍କରେ ଯେଉଁ ସବୁ କଥା କହୁଛନ୍ତି, ସେସବୁ ମିଛୟ ଏହା କେବଳ ପ୍ରକୃତ ପ୍ରସଙ୍ଗରୁ ଧ୍ୟାନ ହଟାଇବାକୁ ପ୍ରୟାସ । ମୁଁ ଆପଣମାନଙ୍କୁ ପଚାରିବାକୁ ଚାହୁଁଛି, ସେମାନେ(ବିଜେପି) ୧୦ ବର୍ଷ ହେଲା କେନ୍ଦ୍ରରେ କ୍ଷମତାରେ ରହିଛନ୍ତି । ସେମାନଙ୍କ ରାଜ୍ୟପାଳ ମଧ୍ୟ ଏଠାରେ ନିଯୁକ୍ତ ହୋଇଛନ୍ତି । କାମ କରିବା ପାଇଁ ସେମାନେ ଯେଉଁ ସବୁ ପ୍ରତିଶ୍ରୁତି ଦେଇଥିଲେ, ସେସବୁ କାହିଁକି ପୂରଣ କରିନାହାନ୍ତି ? ଆପଣ ପାକିସ୍ତାନ କଥା କହୁଛନ୍ତି । ହେଲେ ଆମେ କେବେ ହେଲେ ବିରିୟାନୀ ଖାଇବାକୁ ଯାଇ ନାହୁଁ । ଆପଣ ସେମିତି କରିଛନ୍ତି । ଏବେ ଆପଣ ଆମକୁ ଦୋଷ ଦେଉଛନ୍ତି । ସେମାନେ (ବିଜେପି) ଆମକୁ(ଭାରତ) ଭଲ ପାଉଥିବା କଥା କହୁଛନ୍ତି । କିନ୍ତୁ ବାସ୍ତବରେ ସେମାନେ ପାକିସ୍ତାନକୁ ବିବାହ କରି ସାରିଛନ୍ତି । କିଛି ଦିନ ତଳେ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନର ପ୍ରଚାର ବେଳେ ମୋଦି କହିଥିଲେ ଯେ ଏନସି ଓ କଂଗ୍ରେସ ମେଣ୍ଟର ଏଜେଣ୍ଡା ପାକିସ୍ତାନ ସ୍ୱାର୍ଥ ସହ ମେଳ ଖାଉଛି । ଏଥିସହ କଂଗ୍ରେସକୁ ଗୋଟିଏ ଭୋଟ ଦେବାର ଅର୍ଥ ଉପତ୍ୟକାରେ ପୁଣି ଧାରା ୩୭୦ ଲାଗୁ ହେବା ସହ ସମାନ । ଧାରା ୩୭୦ ଲାଗୁ ହେବେ ବୋଲି ଉପତ୍ୟକାରେ ହିଂସା ଘଟିବ ବୋଲି ମୋଦି ସତର୍କ କରାଇଥିଲେ ।



# ସରକାରଙ୍କୁ ନିଜ ବିରୋଧରେ ସମାଲୋଚନା ଶୁଣିବାକୁ ପଡ଼ିଥାଏ

**ପୁଣେ,୨୨।୯ :** ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ଏକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି । ସେ କହିଛନ୍ତି ଯେ ଗଣତନ୍ତ୍ରର ପ୍ରକୃତ ପରୀକ୍ଷା ହେଉଛି ଯେତେବେଳେ ଶାସକଙ୍କୁ ନିଜ ସମାଲୋଚନା ଶୁଣିବାକୁ ପଡିଥାଏ । ଶାସକ ଏଥିରେ ଥିବା ସମସ୍ତ ମତ ଏବଂ ଆନ୍ତରିକତାକୁ ସହ୍ୟ କରିବା ଉଚିତ୍ ପୁଣେର ଏକ ବିଶ୍ୱବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଗଡକରୀ ଏହି କଥା କହିଛନ୍ତି । ସେ କହିଛନ୍ତି ଯେ ଲେଖକ, ଚିନ୍ତକ ଏବଂ କବିମାନେ ନିର୍ଭୟରେ ନିଜର ମତ ପ୍ରକାଶ କରିବା ଉଚିତ୍ ଏବଂ ଏହା ସେମାନଙ୍କଠାରୁ ଆଶା କରାଯାଏ । ଗଡକରୀ ଆହୁରି ମଧ୍ୟ କହିଛନ୍ତି ଯେ ଯଦି ଗଣତନ୍ତ୍ରର ଚରମ ପରୀକ୍ଷା ହୁଏ, ତେବେ ଏହା ହେଉଛି ଯେ ଶାସକ ଯେତେ ସୁଦୃଢ ହୋଇ ଥାଆନ୍ତୁ ନା କାହିଁକି ଜନସାଧାରଣଙ୍କ ସମାଲୋଚନା ଶୁଣିବାକୁ ପଡିଥାଏ । ଗଣତନ୍ତ୍ରର ରକ୍ଷା କରିବାକୁ ଶାସକମାନଙ୍କୁ ବିଭିନ୍ନ ଚିନ୍ତାଧାରା ଉପରେ ବିଚାର କରିବାକୁ ଏବଂ କାର୍ଯ୍ୟ କରିବାକୁ ଗଡକରୀ ଅନୁରୋଧ କରିଛନ୍ତି । ସେ କହିଛନ୍ତି ନିଜର ତ୍ରୁଟିକୁ ଚିହ୍ନିବା ପାଇଁ ଜଣେ ସର୍ବଦା ସମାଲୋଚକମାନଙ୍କ ଦ୍ୱାରା ଘେରି ରହିବା ଉଚିତ୍ । ଜଣେ ସମାଲୋଚକ ଆମର ପଡ଼ୋଶୀ ହେବା ଉଚିତ୍ ଯାହା ଦ୍ୱାରା ସେ ଆମର ତ୍ରୁଟି ଦର୍ଶାଇ ପାରିବେ । ସୂଚନାଯୋଗ୍ୟ, ସମ୍ପ୍ରତି ଗଡକରୀ ମହାରାଷ୍ଟ୍ରର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି ଏବଂ ଅନେକ ପ୍ରସଙ୍ଗରେ ବିବୃତ୍ତି ଦେଉଛନ୍ତି । ନିକଟରେ ନାଗପୁରରେ ସେ ପରିବାରବାଦ ଏବଂ ଜାତିବାଦକୁ ନେଇ କଡ଼ା ସମାଲୋଚନା କରିଥିଲେ । ସେ କହିଥିଲେଆମ ସଂସ୍କୃତିରେ ବସୁଦେବ କୁଟୁମ୍ବକମ୍‌ର ବାର୍ତ୍ତା ଅଛି, ଯାହାର ଅର୍ଥ ହେଉଛି ବିଶ୍ୱର କଲ୍ୟାଣ । ସେ ଏହା ମଧ୍ୟ କହିଛନ୍ତି ଯେ ସଂସ୍କୃତିରେ ଏହା କୁହାଯାଇ ନାହିଁ ଯେ ମୋର କଲ୍ୟାଣ କିମ୍ବା ମୋ ପରିବାର ପ୍ରଥମେ କଲ୍ୟାଣ ଯୋଜନାରେ ଆସିବା ଉଚିତ୍ । ଗଡକରୀ କହିଛନ୍ତି ଯେ ଆତ୍ମୀୟତାର ଏହି ପ୍ରସଙ୍ଗ ବୃଦ୍ଧି ପାଉଛି । କାରଣ ଲୋକମାନେ ଏହିପରି ନେତାଙ୍କୁ ଭୋଟ୍ ଦିଅନ୍ତି । କିନ୍ତୁ ଯେଉଁ ଦିନ ଲୋକମାନେ ଏପରି ଲୋକଙ୍କୁ ଭୋଟ୍ ନ ଦେବାକୁ ସ୍ଥିର କରିବେ, ସେମାନେ ଗୋଟିଏ ମିନିଟରେ ଭଲ ହୋଇଯିବେ । ଲୋକମାନେ ସେମାନଙ୍କର ଦକ୍ଷତା ପ୍ରମାଣ କରିବା ଉଚିତ ବୋଲି ସେ କହିଛନ୍ତି ।



# ଆଦିଦେବ ଏଂଟରଟେନ୍‌ମେଂଟ୍ ଆଣ୍ଡ ଏଜୁକେସନ ଉଦ୍‌ଘାଟିତ

**ପାରାଦୀପ, (ନିପ୍ର) :** କଳା ଓ କଳାକାରଙ୍କ ବିକାଶ ପାଇଁ ଗଠନ ହେଲା ଆଦିଦେବ ଏଂଟରଟେନ୍‌ମେଂଟ୍ ଆଣ୍ଡ ଏଜୁକେସନ ଅନୁଷ୍ଠାନ। ଗ୍ରାମାଂଚଳର ବହୁ ପ୍ରତିଭାଧାରୀ ଦୁର୍ବଳ ଶ୍ରେଣୀର ଯୁବକ/ଯୁବତୀ, ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶରେ ଉକ୍ତ ଅନୁଷ୍ଠାନ ସହାୟକ ହେବ। ଦୁର୍ବଳ ଶ୍ରେଣୀର ପ୍ରତିଭାଧରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଲକ୍ଷ୍ୟନେଇ ସୃଷ୍ଟିହୋଇଛି ଆଦିଦେବ ଏଂଟରଟେନ୍‌ମେଂଟ୍ ଆଣ୍ଡ ଏଜୁକେସନ ଅନୁଷ୍ଠାନ। ପବିତ୍ର ବିଶ୍ୱକର୍ମା ଅବସରରେ ଭାରତୀୟ ବନ୍ଦର ମଜଦୁର ସଂଘ ମଂଚରେ ଅଂଚଳର ଜଣାଶୁଣା ସମାଜସେବୀ ମୀରା ପରିଡ଼ାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି ଆଦିଦେବ ଏଂଟରଟେନ୍‌ମେଂଟ୍ ଆଣ୍ଡ ଏଜୁକେସନ ଅନୁଷ୍ଠାନ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଆଦିଦେବ ଏଂଟରଟେନ୍‌ମେଂଟ୍ ଆଣ୍ଡ ଏଜୁକେସନ ଅନୁଷ୍ଠାନର ପ୍ରତିଷ୍ଠାତା ବନ୍ଦିତା ସୁଭଦର୍ଶିନୀ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ସୁନାମଧନ୍ୟ ସଂଗୀତ ନିର୍ଦ୍ଦେଶକ ଏସ୍ ଚନ୍ଦ୍ରକାନ୍ତ, ସାଂସ୍କୃତିକ ଉପଦେଷ୍ଟା ବକ୍ସ ବାହନ ରାଉତ, ସ୍ୱତନ୍ତ୍ର ଉପଦେଷ୍ଟା ଶଶାଙ୍କ ଆଚାର୍ଯ୍ୟ, ସଭାପତି ବିରଜା ପ୍ରସାଦ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଚନ୍ଦନ ତ୍ରିପାଠୀ, ଉପସଭାପତି ରତ୍ନାକର ସ୍ୱାଇଁ, ସାଧାରଣ ସଂପାଦକ ଭିମସେନ ବଳ, ସହସମ୍ପାଦକ ସୁଧାଂଶୁ ନାୟକ, ଯୁଗ୍ମ ସଂପାଦକ ସନ୍ତୋଷ ଭାରତୀ ଓ ଆଇନ ଉପଦେଷ୍ଟା ରବିନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗାମୀ ଦିନରେ ପାରାଦୀପ ଅଂଚଳରେ ଥିବା ସଂଗୀତ ଶିକ୍ଷାନୁଷ୍ଠାନ ଗୁଡିକ ମଧ୍ୟରେ ଆଦିଦେବ ଏଂଟରଟେନ୍‌ମେଂଟ୍ ଆଣ୍ଡ ଏଜୁକେସନ ଅନୁଷ୍ଠାନର ନିଆରା ଲକ୍ଷ୍ୟ ନେଇ କାର୍ଯ୍ୟ କରିବ ବୋଲି ଅଧ୍ୟକ୍ଷା ପ୍ରକାଶ କରିଥିଲେ। ଏଠାରେ ଛାତ୍ରଛାତ୍ରୀ ସଂଗୀତ ଶିକ୍ଷାଗ୍ରହଣ ସହ ମଂଚରେ ଅଚ୍ଛମାନର କଳା ପ୍ରଦର୍ଶନ, ଓଡ଼ିଶାର କୋଣ ଅନୁକୋଣରେ ପ୍ରତିଭାମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେବା ଅନୁଷ୍ଠାନର ମୂଳ ଲକ୍ଷ୍ୟ ବୋଲି ପ୍ରତିଷ୍ଠାତା ବନ୍ଦିତା ସୁଭଦର୍ଶିନୀ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।



### ଅନାହାର କ୍ଲିଷ୍ଟ ବିଧବା ମହିଳା କରୁଛନ୍ତି ମୃତ୍ୟୁ ସହ ସଂଗ୍ରାମ

# ପ୍ରଶାସନ ସାଜିଛି ନୀରବଦ୍ରଷ୍ଟା

**ନିଶ୍ଚିନ୍ତକୋଇଲି,(ନି.ପ୍ର):** ରାଜ୍ୟରେ କାହାରିକୁ ଅନାହାରରେ ମରିବାକୁ ଦିଆଯିବ ନାହିଁ ବୋଲି ସରକାରଙ୍କ ତରଫରୁ ନା ନା ପ୍ରକାର କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଗ୍ରାମପଂଚାୟତରେ ଅନାହାର କ୍ଲିଷ୍ଟ ଜଣେ ବିଧବା ମହିଳା ଓ ତାଙ୍କର ଜଣେ ୭ ବର୍ଷିୟା କନ୍ୟା ମୃତ୍ୟୁ ସହ ସଙ୍ଘର୍ଷ କରୁଥିଲା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏହି ଘଟଣା ଉପରେ ସ୍ଥାନୀୟ ତହସିଲ,ବ୍ଲକ ସର୍ବୋପରି ସ୍ୱାସ୍ଥ୍ୟ ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ସଦର ମହକୁମା ଠାରୁ ମାତ୍ର ୨ କିମି ଦୂରରେ ନତକାଇ ପଂଚାୟତ ଗ୍ରାମପଂଚାୟତ ମୁକୁନ୍ଦପୁର ଗ୍ରାମ ଅବସ୍ଥିତ। ଏହି ଗ୍ରାମରେ ଦୀର୍ଘ ଦିନ ହେଲା ଜଗତସିଂହପୁର ଜିଲ୍ଲା ଅଂଚଳର ଅଶୋକ କୁମାର ନାୟକ ତାଙ୍କର ପତ୍ନୀ ଆରତୀ ନାୟକ ଓ ଦୁଇ ନାବାଳିକା କନ୍ୟା ବାସ କରିଆସୁଥିଲେ। ଅଶୋକ ସ୍ଥାନୀୟ ଅଂଚଳରେ ବ୍ୟବସାୟ କରି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। ତେବେ ୩-୪ ବର୍ଷ ତଳେ ଅଶୋକଙ୍କର ମୃତ୍ୟୁ ହୋଇଥିଲା। ଅଶୋକଙ୍କର କୌଣସି ଜମିବାଡି ନଥିବା କାରଣରୁ ତାଙ୍କର ପରିବାର ନା ନା ସମସ୍ୟା ଘେରରେ ରହି ଆସୁଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ନିକଟରେ ଅଶୋକଙ୍କ ଜଣେ ନା ବାଳିକା କନ୍ୟା ଅନ୍ତଃସତ୍ତ୍ୱା ହେବା ଯୋଗୁ ପ୍ରଶାସନ ତରଫରୁ ତାଙ୍କୁ ବସୁନ୍ଧରାରେ ଥଇଥାନ କରାଯାଇ ଥିଲା। ନିକଟରେ ସମ୍ପୃକ୍ତା ନା ବାଳିକା ଜଣକ ଏକ ପୁତ୍ର ସନ୍ତାନର ଜନନୀ ହୋଇଥିବାର ସ୍ଥାନୀୟ ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ। ଅପରପକ୍ଷରେ ଅଶୋକଙ୍କ ବିଧବା ପତ୍ନୀ ଆରତୀ (୪୨) ଓ ତାଙ୍କର ସାନ ଝିଅ ଶୁଭଲକ୍ଷ୍ମୀ(୭) ସ୍ଥାନୀୟ ଗ୍ରାମର ନିରଁଞ୍ଜନ ଦାଶଙ୍କ ଘରେ ଭଡାସୂତ୍ରରେ ରହି ଆସୁଥିଲେ। ତେବେ ମାଆ ଝିଅ ଆର୍ଥିକ ଅନାଟନ ହେତୁ ପେଟକୁ ଗଣ୍ଡେ ଦାନା ଓ ଦେହକୁ ଖଣ୍ଡେ କନା ଠିକ୍ ଭାବେ ପାଇପାରୁନଥିଲେ। ବ୍ଲକ ପ୍ରଶାସନ ତରଫରୁ ତାଙ୍କୁ ବିଧବା ଭତା ଓ ୩ଜଣଙ୍କ ନିମନ୍ତେ ମାଗଣା ଚାଉଳ ଯୋଗାଇ ଦିଆଯାଇ ଆସୁଥିଲା। ଏପରିସ୍ଥଳେ ବଡ ଝିଅ ମା ଠାରୁ ବିଚ୍ଛେଦ ହୋଇଯିବା ପରେ ମାନସିକ ସ୍ତରରେ ଆରତୀ ଭାଙ୍ଗି ପଡିଥିଲେ। ଏପରିକି ଆରତୀ ସ୍ଥାନୀୟ ଅଂଚଳବାସୀଙ୍କ ସାହାଯ୍ୟ ସହଯୋଗ ଓ ଦୁଇପାଇଟି କରି କୌଣସି ମତେ ସାନଝିଅକୁ ବଂଚାଇ ରଖିଥିଲେ। ଆକସ୍ମିକ ଭାବେ ଗତ କିଛି ଦିନ ହେବ ମାଆ ଆରତୀ ଏକ ଜଟିଳ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ଅଭାବରୁ ଏକ ଘରେ ପଡିରହିଛନ୍ତି। ତାଙ୍କର ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଏପରିକି ତାଙ୍କ ପରିବାର ନିମନ୍ତେ ଖାଦ୍ୟ ପାନୀୟ ମଧ୍ୟ ଏକ ପ୍ରକାର ବନ୍ଦ ହୋଇଯାଇଛି। ଆରତୀ ଘରୁ ଉଠିବସି ପାରୁ ନାହାନ୍ତି।

### ବାର୍ଡୋଲ ବିଦ୍ୟାଳୟରେ ଶିକ୍ଷକ ଅଭାବ

# ତାଲା ପକାଇ ଧାରଣାରେ ଅଭିଭାବକ ଓ ଛାତ୍ରଛାତ୍ରୀ

**କନ୍ଧମାଳ,(ନି.ପ୍ର):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଅନ୍ତର୍ଗତ ଶୁଣ୍ଢି ପଦର ପଞ୍ଚାୟତ ଅଧୀନ ବାର୍ଡୋଲ ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଥିବା ଅଭିଯୋଗ ହୋଇଛି। ଏହାକୁ ପ୍ରତିବାଦ କରି ଆଜି ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟରେ ତାଲା ମାରି ଅଭିନବ ପ୍ରତିବାଦ କରିବା ସହ ଧାରଣାରେ ବସିଛନ୍ତି। ସୂଚନା ଅନୁସାରେ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ଆବଶ୍ୟକୀୟ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଉକ୍ତ ବିଦ୍ୟାଳୟରେ ୧୬୭ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ କେବଳ ୪ ଜଣ ଶିକ୍ଷକ ପାଠ ପଢାଉଛନ୍ତି। ଯାହା ଫଳରେ ଶିକ୍ଷାଦାନ ସହ ବିଦ୍ୟାଳୟର ପରିଚାଳନା ସହ ଅନ୍ୟାନ୍ୟ କାର୍ଯ୍ୟ ସଠିକ୍ ଭାବେ ହୋଇ ପାରୁ ନାହିଁ। ଆଗକୁ ପରୀକ୍ଷା ଥିବାରୁ ଛାତ୍ରଛାତ୍ରୀ ମାନେ ପାଠ ପଢ଼ାରୁ ବଞ୍ଚିତ ହେଉଥିବା ସହ କୋର୍ସ ସରିବା ନେଇ ଆଶଙ୍କା ଦେଖା ଦେଇଛି। ଏପରିକି ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକ ମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା ତାଙ୍କୁ କେବଳ ମିଥ୍ୟା ପ୍ରତିଶୃତି ମିଳୁଥିବା ପ୍ରକାଶ କରିଛନ୍ତି। ଆଜି ଘଟଣା ସ୍ଥଳରେ ସିଆରସି ପହଞ୍ଚି ଆବଶ୍ୟକୀୟ ଶିକ୍ଷକ ଯୋଗାଇ ଦେବାକୁ ଚେଷ୍ଟା କରିବୁ ବୋଲି କହିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଅନ୍ୟପଟେ ସରକାର ଶିକ୍ଷାକୁ ଗୁରୁତ୍ୱ ଦେଇ ଏହାର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ର ଅଭାବ ଯୋଗୁଁ ଛାତ୍ରଛାତ୍ରୀ ମାନେ ଶିକ୍ଷା ଭଳି ମୌଳିକ ଅଧିକାର ରୁ ବଞ୍ଚିତ ହେଉଛନ୍ତି।




## *ମହାବିଦ୍ୟାଳୟରେ ସ୍ଥାୟୀ ଅଧକ୍ଷ ନିଯୁକ୍ତି ପାଇଁ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ନିକଟରେ ପୁରାତନ ଛାତ୍ରଙ୍କ ଦାବି*

***କେନ୍ଦ୍ରାପଡ଼ା,(ନି.ପ୍ର):*** *କେନ୍ଦ୍ରାପଡ଼ା ଜିଲାର ସର୍ବପୁରାତନ ମହାବିଦ୍ୟାଳୟ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ଥାୟୀ ଅଧକ୍ଷ ନିଯୁକ୍ତି ପାଇଁ ପୁରାତନ ଛାତ୍ରମାନେ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ସେମାନେ ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରିଛନ୍ତି ଯେ ମହାବିଦ୍ୟାଳୟରେ ସ୍ଥାୟୀ ଅଧକ୍ଷ ନଥିବାରୁ ବିଭିନ୍ନ ପ୍ରକାରର ବିଶୃଙ୍ଖଳା ସୃଷ୍ଟି ହେଉଛି। ପିଲାମାନଙ୍କ ଅଧ୍ୟୟନ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଦେଖା ଦେଇଥିବାରୁ ପିଜି ଛାତ୍ରଛାତ୍ରୀଙ୍କ ପ୍ରମାଣପତ୍ର ପ୍ରଦାନରେ ତ୍ରୁଟି ଦେଖା ଦେଇଛି। ଏଥି ସହିତ ମହାବିଦ୍ୟାଳୟକୁ ସୁପରିଚାଳନା କରିବା ପାଇଁ ଥିବା ପରିଚାଳନା ପରିଷଦ ସେମାନଙ୍କ ଦାୟିତ୍ୱ ସଠିକ ନିର୍ବାହ କରିପାରୁନାହାଁନ୍ତି। ତେଣୁ ସେହି ପରିଚାଳନା ପରିଷଦକୁ ତୁରନ୍ତ ଭଙ୍ଗ କରାଯିବା ପାଇଁ ଦାବି ହୋଇଛି। ଏହାବ୍ୟତୀତ ଏହି ମହାବିଦ୍ୟାଳୟରେ ଥିବା ବିବାଦୀୟ ଅଧାପକମାନଙ୍କୁ ତୁରନ୍ତ ଏଠାରୁ ବଦଳି କରାଯିବା ସହ ଏହି କଲେଜରୁ ବଦଳି ହୋଇ ଯାଇଥିବା ପଦାର୍ଥ ବିଜ୍ଞାନ ବିଭାଗର ବରିଷ୍ଠ ରିଡରଙ୍କୁ ଏଠାରେ ପୁନଃ ଅବସ୍ଥାପିତ କରାଯିବା ପାଇଁ ପୁରାତନ ଛାତ୍ର ଶରତ ସିଂ, ପ୍ରତାପ ମହାନ୍ତି, ବିଶ୍ୱଜିତ ଦାସ, ସ୍ୱାଧୀନ ନାୟକ, ଅଫସର ଅଲ୍ଲୀ ବକ୍ସ, ଇଶ୍ୱର କୁମାର ଦାସ, ଭାଗୀରଥୀ ଜେନା, ରମଣୀରଞ୍ଜନ ରାଉତରାୟ, ଗୟାଧର ଧଳ, ନିରଞ୍ଜନ ପରିଡ଼ା ପ୍ରମୁଖ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।*

# ପାର୍କିସ୍ଥଳରୁ ଟ୍ରକ୍ ଚୋରି କରିନେଲେ ଦୁର୍ବୃତ୍ତ

ଗୋପାଳପୁର : ଗୋଳନ୍ଥରା ଥାନା ଅନ୍ତର୍ଗତ ହଳଦିଆପଦରରେ ପାର୍କିଂ କରାଯାଇଥିବା ଏକ ଟ୍ରକକୁ ୧୪ ତାରିଖ ମଧ୍ୟରାତ୍ରରେ କୌଣସି ଦୁର୍ବୃତ୍ତ ଚୋରି କରି ନେଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ ବ୍ରହ୍ମପୁର ବିଏନପୁର ଥାନା ଅନ୍ତର୍ଗତ ଜ୍ୟୋତିନଗର ୨ ର ଲେନ ନିବାସୀ ସୁଜିତ କୁମାର ତ୍ରିପାଠୀଙ୍କ ଏକ ଟ୍ରକ(ଓଡି ୦୭ ଜେଡ ୩୦୭୦) କୁ ୧୪ ତାରିଖ ସନ୍ଧ୍ୟାରେ ଡ୍ରାଇଭର ପାର୍କିଂ କରି ଘରକୁ ଫେରି ଯାଇଥିଲେ। ଆଜି ସକାଳେ ଡ୍ରାଇଭର ପାର୍କିଂ ସ୍ଥାନକୁ ଆସି ଦେଖିବା ସମୟରେ ଟ୍ରକଟି ଚୋରି ହୋଇଥିବା ଜାଣି ମାଲିକ ସୁଜିତକୁ ଖବର ଦେଇଥିଲେ। ସୁଜିତଙ୍କ ପକ୍ଷରୁ ଘଟଣା ନେଇ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ପକ୍ଷରୁ ୩୬୮/୨୪ ରେ ଏକ ମାମଲା ରୁଜୁ କରିବା ସହ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଥିବା ପୁଲିସ ସୂଚନା ଦେଇଛି।

# ଚେନ୍ନାଇ ଟେଷ୍ଟରେ ଭାରତର ବୃହତ୍ ବିଜୟ

ଚେନ୍ନାଇ,୨୨।୯: ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତର ବଡ଼ ବିଜୟ। ବ୍ୟାଟରଙ୍କ ପରେ ଯାଦୁ ଦେଖାଇଛନ୍ତି ବୋଲର୍। ଜ୨୮୦ ରନରେ ବାଂଲାଦେଶକୁ ପରାସ୍ତ କରି ବିଜୟ ହାସଲ କରିଛି ରୋହିତ ବାହିନୀ। ବ୍ୟାଟିଂ ଓ ବୋଲିଂରେ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ରବିଚନ୍ଦ୍ରନ ଅଶ୍ୱିନୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି।।

ଚେନ୍ନାଇରେ ଖେଳା ଯାଇଥିବା ଏହି ଟେଷ୍ଟ ମ୍ୟାଚରେ ଭାରତ ପ୍ରଥମ




## ବାଂଲାଦେଶ ୨୩୪ ରନ୍‌ରେ ଅଲ୍‌ଆଉଟ୍, ୨୮୦ ରନ୍‌ରେ ହାରିଲା

## ବୋଲିଂରେ ଅଶ୍ୱିନୀଙ୍କ କମାଲ୍, ନେଲେ ୬ ୱିକେଟ

ଇନିଂସରେ ୩୭୬ ରନ୍ କରିଥିଲା। ଏହାପରେ ଦ୍ୱିତୀୟ ପାଳିରେ ବାଂଲାଦେଶ ୧୪୯ ରନ୍ କରି ଅଲ ଆଉଟ୍ ହୋଇ ଯାଇଥିଲା। ଦ୍ୱିତୀୟ ଇନିଂସରେ ଭାରତ ୪ ୱିକଟ ହରାଇ ୨୮୭ ରନ୍ କରି ପାଳି ଘୋଷଣା କରିବା ପରେ ବାଂଲାଦେଶ ଆଗରେ ୫୧୫ ରନର ଟାର୍ଗେଟ ରହିଥିଲା।

ଗତକାଲି ୧୫୨/୪ରୁ ଆରମ୍ଭ କରି ବାଂଲାଦେଶ ଆଜି ୨୩୪ ରନ୍ କରି ଅଲ୍ ଆଉଟ୍ ହୋଇ ଯାଇଛି। ଫଳରେ ଏହି ମ୍ୟାଚକୁ ୨୮୦ ରନରେ ଜିତି ନେଇଛି। ଭାରତ ବାଂଲାଦେଶର ଦ୍ୱିତୀୟ ପାଳିରେ କମାଲ୍ କରିଛନ୍ତି ସ୍ପିନର୍ ରବିଚନ୍ଦ୍ରନ ଅଶ୍ୱିନୀ। ସେ ୬ଟି ୱିକେଟ୍ ନେଇ ଥିବାବେଳେ ରବୀନ୍ଦ୍ର ଜାଡେଜା ନେଇଛନ୍ତି ୩ ୱିକେଟ। ସେହିପରି ଯଶପ୍ରୀତ ବୁମରା ଗୋଟିଏ ୱିକେଟ୍ ନେଇଛନ୍ତି। ବାଂଲାଦେଶ ପକ୍ଷରୁ ଅଧିନାୟକ ନଜମୁଲ ସାଣ୍ଟୋ ସର୍ବାଧିକ ୮୨ ରନ୍ କରିଛନ୍ତି। ସେହିପରି ଅସଲମ ୩୫, ଜାହିର ହାସନ ୩୩, ସାକିବ ଅଲ ହାସନ ୨୫, ମୁସଫିକର ୧୩ ରନ୍ କରିଥିଲେ। ଅନ୍ୟମାନେଙ୍କ ମଧ୍ୟରେ ଲିଟନ ଦାସ ୧, ମେହଦି ହାସନ ୮, ତସ୍କିନ ୫, ହସନ ୭ ରନ୍ କରିଥିଲେ।

ଅନ୍ୟପଟେ ଦ୍ୱିତୀୟ ପାଳିରେ ବ୍ୟାଟରଙ୍କ ପକ୍ଷରୁ ଶୁବମନ ଗିଲ୍ ଏବଂ ଋଷଭ ପନ୍ତ ବଡ଼ ପାଳି ଖେଳିଥିଲେ। ଶୁବମନ ଗିଲ୍ ୧୧୯ ରନ୍ କରି ଅପରାଜିତ ରହି ଥିବାବେଳେ ଋଷବ ପନ୍ତ ୧୦୯ ରନ୍ କରିଥିଲେ ସେହିପରି ଯଶସ୍ୱୀ ଜୈସ୍ୱାଲ ୧୦, ରୋହିତ ଶର୍ମା ୫,ବଂ ବିରାଟ କୋହଲି ୧୭ ରନ୍ କରିଥିଲେ ଏବଂ କେଏଲ ରାହୁଲ ୨୨ ରନ୍ କରି ଅପରାଜିତ ରହିଥିଲେ।

## ଭାରତକୁ ବଡ଼ ସଫଳତା

ଚେନ୍ନାଇ,୨୨।୯: ଭାରତୀୟ କ୍ରିକେଟ ଦଳର ୯୨ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଲା। ଟେଷ୍ଟ କ୍ରିକେଟ୍ ଇତିହାସରେ ପ୍ରଥମ ଥର ପାଇଁ ଦଳର ବିଜୟୀ ମ୍ୟାଚ୍ ସଂଖ୍ୟା ପରାଜିତ ମ୍ୟାଚ୍ ସଂଖ୍ୟାଠାରୁ ଅଧିକ ରହିଛି। ଆଜି ଚେନ୍ନାଇରେ ପ୍ରଥମ ଟେଷ୍ଟରେ ବାଂଲାଦେଶକୁ ୨୮୦ ରନ୍‌ରେ ହରାଇବା ପରେ ଟିମ୍ ଇଣ୍ଡିଆକୁ ମିଳିଛି ଏହି ସଫଳତା।

ସି.କେ ନାଇଡୁଙ୍କ ନେତୃତ୍ୱରେ ୧୯୩୨ରେ ଭାରତ ଖେଳିଥିଲା ପ୍ରଥମ ଟେଷ୍ଟ ମ୍ୟାଚ୍ ଲର୍ଡସରେ ଇଂଲଣ୍ଡ ବିପକ୍ଷରେ ଏହି ମ୍ୟାଚ୍ ଖେଳିଥିବା ଭାରତ ୧୫୮ ରନ୍‌ରେ ପରାସ୍ତ ହୋଇଥିଲା ତାପରଠାରୁ ଟେଷ୍ଟ କ୍ରିକେଟରେ କେବେ ବି ଭାରତୀୟ ଦଳର ବିଜୟୀ ମ୍ୟାଚ୍ ସଂଖ୍ୟା ପରାଜିତ ମ୍ୟାଚ୍ ସଂଖ୍ୟାଠାରୁ ଅଧିକ ରହି ନଥିଲା।ଆଜି ବାଂଲାଦେଶକୁ ପରାସ୍ତ କରି ଭାରତ ତାର ୧୭୯ତମ ଟେଷ୍ଟ ମ୍ୟାଚ୍ ଜିତିଛି। ଦଳ ଏଯାବତ ୫୮୦ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ବେଳେ ସେଥିରୁ ୧୭୯ଟିରେ ବିଜୟ ହାସଲ କରିଛି ଓ ୧୭୮ଟିରେ ପରାଜିତ ହୋଇଛି। ସେହିପରି ୨୨୨ଟି ମ୍ୟାଚ୍ ଡ୍ର ହୋଇଥିବା ବେଳେ ଗୋଟିଏ ଟାଏ ହୋଇଛି।ଭାରତ ଏକମାତ୍ର ଦେଶ ନୁହେଁ, ଯାହାର ଟେଷ୍ଟରେ ବିଜୟୀ ମ୍ୟାଚ୍ ସଂଖ୍ୟା ପରାଜିତ ମ୍ୟାଚ୍ ସଂଖ୍ୟାଠାରୁ ଅଧିକ ଏହି ତାଲିକାରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ମଧ୍ୟ ଅଛନ୍ତି। ଅଷ୍ଟ୍ରେଲିଆ ୪୧୪ଟି ମ୍ୟାଚ୍ ଜିତିଥିବା ବେଳେ ୨୩୨ଟି ହାରିଛି ଇଂଲଣ୍ଡ ୩୯୭ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ୩୨୫ଟିରେ ହାରିଛି ଦକ୍ଷିଣ ଆଫ୍ରିକା ୧୭୯ଟି ଜିତିଥିବା ବେଳେ ୧୬୧ଟି ହାରିଛି। ପାକିସ୍ତାନ ୧୪୮ଟିରେ ବିଜୟୀ ହୋଇଥିବା ବେଳେ ୧୪୪ଟିରେ ପରାସ୍ତ ହୋଇଛି।




ଚେନ୍ନାଇରେ ଖେଳା ଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ବାଂଲାଦେଶ ପାଇଁ ଭାରତ ୫୧୫ ରନ୍‌ର ବିଜୟ ଟାର୍ଗେଟ ଦେଇଥିଲା ତେବେ ବାଂଲାଦେଶ ୨୮୦ ରନ୍ ପଛରେ ରହି ମ୍ୟାଚ୍ ହାରିଯାଇଥିଲା ଭାରତ ପ୍ରଥମ ଇନିଂସରେ ୩୭୬ ରନ୍ କରିଥିବା ବେଳେ ବାଂଲାଦେଶ ମାତ୍ର ୧୪୯ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା ଦ୍ୱିତୀୟ ଇନିଂସରେ ଭାରତ ୪ ୱିକେଟ ହରାଇ ୨୮୭ ରନ୍ କରିଥିବା ବେଳେ ପାଳି ଘୋଷଣା କରିଥିଲା। ବାଂଲାଦେଶ ଦ୍ୱିତୀୟ ଇନିଂସରେ ୨୩୪ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା। ଏହା ସହିତ ଭାରତ ଦୁଇଟି ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜ୍‌ରେ ୧-୦ରେ ଆଗରେ ରହିଛି।

## କଳିକେଶ ସିଂହଦେଓ ଭାରତୀୟ ରାଷ୍ଟ୍ରୀୟ ରାଇଫଲ ସଂଘର ନୂଆ ଅଧ୍ୟକ୍ଷ

ନୂଆଦିଲ୍ଲୀ ୨୧।୯: କଳିକେଶ ନାରାୟଣ ସିଂହଦେଓ ଭାରତୀୟ ରାଷ୍ଟ୍ରୀୟ ରାଇଫଲ ସଂଘ(ଏନଆରଏଆଇ)ର ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଏହି ନିର୍ବାଚନରେ ସିଂହଦେଓ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭି.କେ.ଧଲଙ୍କୁ ୩୬-୨୧ ଭୋଟରେ ପରାସ୍ତ କରିଛନ୍ତି। ଏହି ପଦବୀ ଗତବର୍ଷଠାରୁ ଖାଲି ପଡିଥିଲା । ଏଣୁ ଓଡିଶାର ପୂର୍ବତନ ସାଂସଦ ଏନଆରଏଆଇର ଦୈନିକ କାମଧନ୍ଦା ଦେଖରେଖ କରୁଥିଲେ ଗତବର୍ଷ ରଣିନ୍ଦର ସିଂହ ଏହି ପଦବୀରୁ ଇସ୍ତଫା ଦେଇଥିଲେ।

ଗତବର୍ଷ କ୍ରିଡା ମନ୍ତ୍ରାଳୟ ଏକ ନିର୍ଦ୍ଦେଶ ଜାରି କରିଥିଲେ, ଯେଉଁଥିରେ ରାଷ୍ଟ୍ରୀୟ ଖେଳ ମହାସଂଘର କୌଣସି ପଦାଧିକାରୀ ଜାତୀୟ କ୍ରିଡା କୋଡ ଅନୁସାରେ ୧୨ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ପଦବୀରେ ରହି ପାରିବେ ନାହିଁ ମନ୍ତ୍ରାଳୟଙ୍କ ଏହି ନିର୍ଦ୍ଦେଶ ପରେ ରଣିନ୍ଦର ତାଙ୍କ ପଦବୀରୁ ଇସ୍ତଫା



ଦେଇଥିବା ବେଳେ ସେବେଠାରୁ ପଦବୀ ରିକ୍ତ ପଡିଥିଲା ଓ ଉପାଧ୍ୟକ୍ଷ ଭାବେ କଳିକେଶ ଏହି ପଦବୀର କାର୍ଯ୍ୟ ଦେଖରେଖ କରିଆସୁଥିଲେ

ରଣିନ୍ଦରଙ୍କ ୧୨ ବର୍ଷ ୨୯ ଡିସେମ୍ବର ୨୦୨୨ରେ ପୂରଣ ହୋଇ ସାରିଥିଲା। ଏଣୁ ସେ ଏପ୍ରିଲ ୨୦୨୩ରେ ପଦବୀରୁ ଇସ୍ତଫା ଦେଇଥିଲେ ତାଙ୍କ ଇସ୍ତଫା ପରଠାରୁ ଏନଆରଏଆଇର ବରିଷ୍ଠ ଉପାଧ୍ୟକ୍ଷ କଳିକେଶ ଏହି କାର୍ଯ୍ୟ ତୁଲାଇ ଆସୁଥିଲେ କଳିକେଶ କାର୍ଯ୍ୟକାରୀ ମୁଖ୍ୟ ଅବସ୍ଥାପିତ ଥିବା ବେଳେ ଭାରତ ପ୍ୟାରିସ୍ ଅଲିମ୍ପିକ୍ ସୁଟିଂରେ ୩ଟି ପଦକ ଜିତିଛି। ତେବେ ଏହା ପୂର୍ବରୁ ଅନୁଷ୍ଠିତ ହୋଇଥିବା ରିଓ ଅଲିମ୍ପିକ ୨୦୧୬ ଓ ଟୋକିଓ ଅଲିମ୍ପିକ ୨୦୨୦ରେ ଭାରତୀୟ ସୁଟିଂ ଦଳ ଖାଲି ହାତରେ ଫେରିଥିଲା।କଳିକେଶ ୨୦୨୫ ପର୍ଯ୍ୟନ୍ତ ଏହି ପଦବୀରେ ଅବସ୍ଥାପିତ ରହିବେ ।

## କାନପୁର ଟେଷ୍ଟ ପାଇଁ ଟିମ୍ ଇଣ୍ଡିଆ ଘୋଷିତ

ନୂଆଦିଲ୍ଲୀ: ଚେନ୍ନାଇ ଟେଷ୍ଟ ଜିତିବା ପରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) କାନପୁରରେ ଖେଳା ଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ପାଇଁ ଭାରତୀୟ ଦଳ ଘୋଷଣା କରିଛି। କାନପୁରରେ ସେପ୍ଟେମ୍ବର ୨୭ରୁ ଦ୍ୱିତୀୟ ଟେଷ୍ଟ ଖେଳାଯିବ। ଏହି ମ୍ୟାଚ୍ ପାଇଁ ଚୟନକର୍ତ୍ତା ୧୬ ଜଣିଆ। ଭାରତୀୟ ଦଳରେ କୌଣସି ପରିବର୍ତ୍ତନ କରି ନାହାନ୍ତି। ପ୍ରଥମ ଟେଷ୍ଟ ପାଇଁ ଘୋଷିତ ଦଳ ଦ୍ୱିତୀୟ ମ୍ୟାଚରେ ଅପରିବର୍ତ୍ତିତ ରହିଛି।

ଚୟନକର୍ତ୍ତା ରବିବାର ୧୬ ଜଣିଆ। ଦଳ ଘୋଷଣା କରିଛି। ଗତକାଲି ପର୍ଯ୍ୟନ୍ତ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ଯେ, ଦ୍ୱିତୀୟ ଟେଷ୍ଟରେ ଦଳରେ କିଛିଟା ପରିବର୍ତ୍ତନ ହୋଇପାରେ। ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇପାରେ। କାରଣ ଏହି ସିରିଜ୍ ପରେ ଭାରତ ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ଟି ଟେଷ୍ଟ ଏବଂ ଅଷ୍ଟ୍ରେଲିଆ ଗସ୍ତରେ ୫ଟି ଟେଷ୍ଟ ଖେଳିବ। ତେଣୁ ଦଳ ପ୍ରବନ୍ଧକ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦେଇ ପାରନ୍ତି।ସେହିପରି ଦଲୀପ ଟ୍ରଫିରେ ଦମଦାର ଶତକ ଅର୍ଜନ କରିଥିବା ଇଶାନ କିଶନଙ୍କ ଦଳକୁ ପ୍ରତ୍ୟାବର୍ତ୍ତନ ହୋଇପାରେ ବୋଲି କୁହାଯାଉଥିଲା




ବାମହାତୀ ଦ୍ରୁତ ବୋଲର ଯଶ ଦୟାଲଙ୍କୁ ବାଦ୍ ଦିଆଯାଇ ୧୫ ଜଣିଆ ଦଳ ଘୋଷଣା ହୋଇପାରେ।

ତେବେ ବିସିସିଆଇ ଚେନ୍ନାଇ ଟେଷ୍ଟର ବିଜୟ ତୁରନ୍ତ ପରେ ଦ୍ୱିତୀୟ ଟେଷ୍ଟ ପାଇଁ ଦଳ ଘୋଷଣା କରିଛି। ଆଉ ଏଥିରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ସେହି ସମାନ ୧୬ ଜଣିଆ। ଦଳ କାନପୁର ଟେଷ୍ଟ ପାଇଁ ଘୋଷିତ ହୋଇଛନ୍ତି।

ପ୍ରଥମ ଟେଷ୍ଟର ଚୂଡାନ୍ତ ଏକାଦଶରେ ସରଫରାଜ ଖାନ, ଧ୍ରୁବ ଜୁରେଲ, ଯଶ ଦୟାଲ ଓ କୁଲଦୀପ ଯାଦବଙ୍କୁ ସ୍ଥାନ ମିଳି ନ ଥିଲା। ତେବେ କାନପୁର ଟେଷ୍ଟରେ ବି ପରିବର୍ତ୍ତନର ସମ୍ଭାବନା କମ ଲାଗୁଛି କାନପୁରରେ ଯଦି ସ୍ପିନରଙ୍କୁ ସୁହାଏ। ତେବେ ସିରାଜ କିମ୍ବା ଆକାଶଦୀପଙ୍କ ସ୍ଥାନରେ କୁଲଦୀପଙ୍କୁ ସ୍ଥାନ ମିଳିପାରେ ।

ଦ୍ୱିତୀୟ ଟେଷ୍ଟ ପାଇଁ ଭାରତୀୟ ଦଳ;- ରୋହିତ ଶର୍ମା(ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଶୁଭମନ ଗିଲ୍, ବିରାଟ କୋହଲି, କେଏଲ ରାହୁଲ, ସରଫରାଜ ଖାନ, ଋଷଭ ପନ୍ତ(ୱିକେଟ୍ କିପର), ଧ୍ରୁବ ଜୁରେଲ(ରିଜର୍ଭ ୱିକେଟ୍ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ମହମ୍ମଦ ସିରାଜ, ଆକାଶ ଦୀପ, ଯଶପ୍ରୀତ ବୁମରା ଓ ଯଶ ଦୟାଲ।

## ୱାର୍ଣ୍ଣଙ୍କ ସମକକ୍ଷ ହେଲେ ଅଶ୍ୱିନ

ଚେନ୍ନାଇ,୨୨।୯: ଚେନ୍ନାଇରେ ପ୍ରଥମ ଟେଷ୍ଟ ମ୍ୟାଚ୍ରେ ଭାରତ ୨୮୦ ରନ୍ରେ ବାଂଲାଦେଶଙ୍କୁ ପରାସ୍ତ କରିଥିବା ବେଳେ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ନିଜ ନାଁରେ ଏକ ରେକର୍ଡ ଯୋଡ଼ିଛନ୍ତି। ଟେଷ୍ଟରେ ୩୭ ଥର ପାଇଁ ଗୋଟିଏ ଇନିଂସରେ ୫ଟି ୱିକେଟ ନେଇ ସେ ଅନ୍ୟତମ ପ୍ରସିଦ୍ଧ ସ୍ପିନର ସ୍ୱର୍ଗତ ଶେନ ୱାର୍ଣ୍ଣଙ୍କ ସମକକ୍ଷ ହୋଇଛନ୍ତି।

ଶ୍ରୀଲଙ୍କାର ମୁଥିଆ। ମୁରଲୀଧରନ ଟେଷ୍ଟରେ ସର୍ବାଧିକ ୬୭ ଥର ଗୋଟିଏ ଇନିଂସରେ ୫ଟି ୱିକେଟ ନେଇଛନ୍ତି। ତାଙ୍କ ତଳକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ ଶେନ ୱାର୍ଣ୍ଣ। ସେ ତାଙ୍କ କ୍ୟାରିୟରରେ ୩୭ ଥର ଗୋଟିଏ ଇନିଂସରେ ୫ଟି ୱିକେଟ ନେଇଥିଲେ। ଏବେ ଅଶ୍ୱିନ ତାଙ୍କ ସହିତ ସେହି ସ୍ଥାନରେ ଯୋଡ଼ି ହୋଇଛନ୍ତି। ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଶେନ ୱାର୍ଣ୍ଣ ରେକର୍ଡକୁ ଭଙ୍ଗ କରିବାର ସୁଯୋଗ ଅଶ୍ୱିନଙ୍କ ପାଖରେ ରହିଛି।

ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଅଶ୍ୱିନ ୱିକେଟ ନେବାରେ ବିଫଳ ହୋଇଥିଲେ।




କିନ୍ତୁ ଦ୍ୱିତୀୟ ଇନିଂସରେ ସେ ୬ଟି ୱିକେଟ୍ ନେଇଥିଲେ। ଆଉ ଏହା ସହିତ ସେ ଶେନ ୱାର୍ଣ୍ଣଙ୍କ ରେକର୍ଡର ସମକକ୍ଷ ହୋଇଥିଲେ। ଭାରତର ପ୍ରଥମ ଇନିଂସରେ ପ୍ରଶଂସନୀୟ ଶତକୀୟ ପାଳି (୧୧୩ ରନ୍ କରିଥିଲେ) ଖେଳିଥିଲେ ଅଶ୍ୱିନ। ଫଳରେ ଭାରତର ସ୍କୋର ପ୍ରଥମ ଇନିଂସରେ ୩୭୬ରେ ପହଞ୍ଚିଥିଲା। ଉଭ। ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ଅଶ୍ୱିନଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

ଅଶ୍ୱିନଙ୍କ ନାଁରେ ଆହୁରି ଅନେକ ରେକର୍ଡ ରହିଛି। ଟେଷ୍ଟରେ ସେ ହେଉଛନ୍ତି ଭାରତର ଦ୍ୱିତୀୟ ସର୍ବାଧିକ ୱିକେଟ ନେଇଥିବା ବୋଲର। ୧୦୧ଟି ଟେଷ୍ଟରୁ ସେ ୫୨୨ଟି ୱିକେଟ ନେଇଛନ୍ତି। ତାଲିକାର ପ୍ରଥମ ସ୍ଥାନରେ ଅଛନ୍ତି ଅନୀଲ କୁମ୍ବଲେ। ସେ ୧୩୨ଟି ମ୍ୟାଚ୍ରୁ ୬୧୯ଟି ୱିକେଟ ନେଇଛନ୍ତି।

ଭାରତୀୟ ବୋଲର ଭାବେ ସେ ଟେଷ୍ଟରେ ଗୋଟିଏ ଇନିଂସରେ ସର୍ବାଧିକ ୩୭ ଥର ୫ଟି ୱିକେଟ ନେଇଛନ୍ତି। ଟେଷ୍ଟରେ ଗୋଟିଏ ମ୍ୟାଚରେ ୧୦ଟି ୱିକେଟ ନେବାରେ ସେ ଅନୀଲ କୁମ୍ବଲେ ସହିତ ଯୁଗ୍ମ ଭାବେ ପ୍ରଥମ ସ୍ଥାନରେ ଅଛନ୍ତି।ଉଭୟ ୮ ଥର ଲେଖାଏଁ ୧୦ଟି ୱିକେଟ ନେଇଛନ୍ତି। ସାରା ବିଶ୍ୱରେ ଟେଷ୍ଟରେ ଦ୍ରୁତ ୨୫୦, ୩୦୦ ଓ ୩୫୦ ୱିକେଟ ନେବାର ଗୌରବ ହାସଲ କରିଛନ୍ତି ଅଶ୍ୱିନ।

ଟେଷ୍ଟ କ୍ରିକେଟରେ ନମ୍ବର ୮ ବା ତା' ତଳ ନମ୍ବରଗୁଡ଼ିକରେ ବ୍ୟାଟିଂ କରିବାକୁ ଆସି ସର୍ବାଧିକ ଶତକ ହାସଲ କରିଥିବା ଖେଳାଳିଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଅଶ୍ୱିନୟ ସେ ଏହି ସ୍ଥାନରେ ବ୍ୟାଟିଂ କରି ୪ ଥର ଶତକ ହାସଲ କରିଛନ୍ତି। ତାଲିକାର ପ୍ରଥମ ସ୍ଥାନରେ ଅଛନ୍ତି ନ୍ୟୁଜିଲ୍ୟାଣ୍ଡର ପୂର୍ବତନ ଅଧିନାୟକ ଡାନିଏଲ ଭେଟୋରୀୟ ସେ ଏହି ସ୍ଥାନରେ ବ୍ୟାଟିଂ କରି ୫ଟି ଶତକ ହାସଲ କରିଛନ୍ତି।

## ଖାସ୍ କ୍ଲବରେ ସାମିଲ ହେଲେ ଗିଲ୍

ଚେନ୍ନାଇ,୨୨।୯।; ବାଂଲାଦେଶ ବିପକ୍ଷ ଚେନ୍ନାଇ ଟେଷ୍ଟରେ ଭାରତର ପ୍ରିନ୍ସ ଭାବେ ପରିଚିତ ଶୁଭମନ ଗିଲ୍ ଟେଷ୍ଟ କ୍ରିକେଟରେ ନିଜର ପଞ୍ଚମ ଶତକ ଅର୍ଜନ କରିଛନ୍ତି। ତାଙ୍କର ଏହି ଇନିଂସ ଦମରେ ଭାରତ ଭ୍ରମଣକାରୀ ବାଂଲାଦେଶ ସାମ୍ନାରେ ୫୧୫ ରନର ବିଶାଳ ବିଜୟ ଲକ୍ଷ୍ୟ ରଖିଥିଲା। ଭାରତ ପାଇଁ ଦ୍ୱିତୀୟ ଇନିଂସରେ ଶୁଭମନ ଗିଲ୍ ଓ ଋଷଭ ପନ୍ତ ଶତକ ଅର୍ଜନ କରି ଦଳର ସ୍ଥିତିକୁ କେବଳ ଦୃଢ଼ କରି ନାହାନ୍ତି ବିଜୟର ମାର୍ଗ ପ୍ରଶସ୍ତ କରିଛନ୍ତି। ଭାରତ ୬୭ ରନରେ ୩ ବ୍ୟାଟର ହରାଇବା ପରେ ଗିଲ୍ ଓ ପନ୍ତ ଚତୁର୍ଥ ୱିକେଟ୍ ପାଇଁ ୧୬୭ ରନ ଯୋଡିଥିଲେ । ଅନ୍ୟପଟେ ଶୁଭମନ ଗିଲଙ୍କ ଟେଷ୍ଟ କ୍ରିକେଟରେ ଏହା କ୍ରମାଗତ ଦ୍ୱିତୀୟ ଶତକ ଗିଲଙ୍କ ଏହି ଇନିଂସରେ ୧୦ ଚୌକା ଓ ୪ ଛକା ସାମିଲ । ଏହା ସହିତ ଅନ୍ତର୍ଜାତୀୟ କ୍ରିକେଟରେ ଏହି ଉଦୀୟମାନ ବ୍ୟାଟର ୧୦୦ ଛକା ପୂରଣ କରିଛନ୍ତି ।

ଶୁଭମ ଗିଲଙ୍କ ଚଳିତ ବର୍ଷରେ ଏହା ହେଉଛି ତୃତୀୟ ଶତକ । ସେ ୨୦୨୪ରେ ଟେଷ୍ଟ କ୍ରିକେଟରେ ଭାରତ ପାଇଁ ସବୁଠୁ ଅଧିକ ଶତକ




ଅର୍ଜନକାରୀ ବ୍ୟାଟର ହୋଇଛନ୍ତି। ଯଶସ୍ୱୀ ଜୟସ୍ୱାଲ ଓ ରୋହିତ ଶର୍ମା ୨-୨ଟି ଟେଷ୍ଟ ଶତକ ହାସଲ କରିଛନ୍ତି। ଗିଲ୍ ୨୦୨୨ରୁ ଅନ୍ତର୍ଜାତୀୟ କ୍ରିକେଟରେ ସବୁଠୁ ଅଧିକ ଶତକ ହାସଲ କରିବାରେ ପାକିସ୍ତାନର ଅଧିନାୟକ ବାବର ଆଜମଙ୍କୁ ପଛରେ ପକାଇଛନ୍ତି। ଗିଲ୍ ୨୦୨୨ରୁ ଏ ପର୍ଯ୍ୟନ୍ତ ୧୨ ଶତକ ହାସଲ କରିଥିବା ବେଳେ ବାବର ୧୧ଟି ଶତକ ମାରିଛନ୍ତି ।

୨୦୨୨ରୁ ଅନ୍ତର୍ଜାତୀୟ କ୍ରିକେଟରେ ସବୁଠୁ ଅଧିକ ଶତକ ମାରିଥିବା ଖେଳାଳି।

ଶୁଭମନ ଗିଲ- ୧୨
ବାବର ଆଜମ- ୧୧
ଜୋ ରୁଟ- ୧୧
ବିରାଟ କୋହଲି- ୧୦
ଟ୍ରେଭିସ ହେଡ- ୯
ଡେରିଲ ମିଚେଲ- ୯

ବିଶ୍ୱ ଟେଷ୍ଟ ଚାମ୍ପିଅନଶିପରେ ଶୁଭମନ ଗିଲଙ୍କ ଏହା ପଞ୍ଚମ ଶତକ। ଡବ୍ଲ୍ୟୁଟିସିରେ ଭାରତ ପାଇଁ ସବୁଠୁ ଅଧିକ ଶତକ ହାସଲ କରିବାରେ ସେ ଦ୍ୱିତୀୟ ଖେଳାଳି ହୋଇଛନ୍ତି। ଚଳିତ ଡବ୍ଲ୍ୟୁଟିସି ଚକ୍ରରେ ଗିଲଙ୍କ ଏହା ତୃତୀୟ ଶତକ। ତାଙ୍କ ବ୍ୟତୀତ ରୋହିତ ଓ ଯଶସ୍ୱୀ ମଧ୍ୟ ୩-୩ ଶତକ ଅର୍ଜନ କରିଛନ୍ତି।

ଚେନ୍ନାଇ ଟେଷ୍ଟର ପ୍ରଥମ ଇନିଂସରେ ଶୂନ୍ୟରେ ଆଉଟ୍ ହେବା ପରେ ଶୁଭମନ ଗିଲ୍ ଦ୍ୱିତୀୟ ଇନିଂସରେ ଶତକ ହାସଲ କରିଛନ୍ତି।ଏହା ସହିତ ସେ ବିରାଟ କୋହଲି ଓ ସଚିନ ତେନ୍ଦୁଲକରଙ୍କ ସମକକ୍ଷ ହୋଇଛନ୍ତି। ଗତ ୫୦ ବର୍ଷରେ ଘରୋଇ ମାଟିରେ ଭାରତ ପାଇଁ ପ୍ରଥମ ଇନିଂସରେ ଶୂନ୍ୟ କରିବା ପରେ ଦ୍ୱିତୀୟ ଇନିଂସରେ ଶତକ ହାସଲ କରିବାରେ ଗିଲ୍ ହେଉଛନ୍ତି ତୃତୀୟ ଖେଳାଳି ।୦, ୧୩୬- ସଚିନ ବନାମ ପାକିସ୍ତାନ, ଚେନ୍ନାଇ, ୧୯୯୯। ୦, ୧୦୪ଞ୍ଚ- କୋହଲି ବନାମ ଶ୍ରୀଲଙ୍କା, କୋଲକାତା, ୨୦୧୭। ୦,୧୧୯ଞ୍ଚ - ଶୁଭମନ ବନାମ ବାଂଲାଦେଶ, ଚେନ୍ନାଇ, ୨୦୨୪।

## ବିଶ୍ୱ କ୍ରିକେଟରେ ଦବଦବା ଜାହିର କରୁଛି ଆଫଗାନିସ୍ତାନ

ଦୁବାଇ,୨୨।୯: ବିଶ୍ୱ କ୍ରିକେଟର ଦିନିକିଆ। ଫର୍ମାଟରେ ଆଫଗାନିସ୍ତାନ କେବେ ହେଲେ ଦକ୍ଷିଣ ଆଫ୍ରିକାକୁ ହରାଇ ନଥିଲା ଦଳ। ପ୍ରଥମଥର ପାଇଁ ସାରଜାରେ କମାଲ କରିଛି ଦିନିକିଆ। ସିରିଜର ପ୍ରଥମ ମ୍ୟାଚ୍‌କୁ ଆଫଗାନିସ୍ତାନ ୬ ୱିକେଟରେ ଜିତିଥିଲା ଶୁକ୍ରବାର ଦଳ ଦ୍ୱିତୀୟ ଦିନିକିଆକୁ ମଧ ଜିତି ନେଇଛି। ତେବେ ତୃତୀୟ ଦିନିକିଆରେ ଦଳକୁ ପରାଜୟ ସ୍ୱୀକାର କରିଛି।




ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ୱିତୀୟ ମ୍ୟାଚରେ ବିଜୟ ବିଶ୍ୱ କ୍ରିକେଟରେ ଆଫଗାନିସ୍ତାନକୁ ଆଉ ପାଦେ ଆଗକୁ ନେଇଛି।ଏବେ ଆଫଗାନ କ୍ରିକେଟ ଉଦୟମାନ ତାରା ଭାବେ ସାମ୍ନାକୁ ଆସିବାରେ ଲାଗିଛି।

୨୦୨୩ ଜାନୁଆରୀ ଠାରୁ ଆଫଗାନ କ୍ରିକେଟ ଅନେକ ସଫଳତା ପାଇଚାଲିଛି। ଦଳ କେବଳ ଦ୍ୱିପାକ୍ଷିକ ସିରିଜରେ ଭଲ ପ୍ରଦର୍ଶନ କରିନାହିଁ, ବରଂ ବିଶ୍ୱକପରେ ମଧ ନିଜର ଛାପ ଛାଡ଼ିଛି। ଜୋନାଥନ ଟ୍ରଟଙ୍କ କୋଚିଂରେ ଖେଳୁଥିବା ଆଫଗାନିସ୍ତାନ ଏବେ ବିଶ୍ୱ କ୍ରିକେଟରେ ନିଜର ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି। ଆଫଗାନିସ୍ତାନର ସଫଳତା୧- ଆଫଗାନିସ୍ତାନ ୨୦୨୩ ମାର୍ଚ୍ଚ ୨୪ରେ ପ୍ରଥମଥର ପାଇଁ ପାକିସ୍ତାନକୁ କୌଣସି ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍‌ରେ ୬ ୱିକେଟରେ ହରାଇଥିଲା । ୨- ଆଫଗାନିସ୍ତାନ ୨୦୨୩ ଅକ୍ଟୋବର ୧୫ରେ ପ୍ରଥମଥର ପାଇଁ ଇଂଲଣ୍ଡକୁ ୬୯ ରନରେ ହରାଇଥିଲା।୩- ଆଫଗାନିସ୍ତାନ ଟେଷ ଖେଳୁଥିବା ଦେଶ ଇଂଲଣ୍ଡକୁ ବିଶ୍ୱକପରେ ପ୍ରଥମଥର ମାତ ଦେଇଥିଲା। ୪- ଦିନିକିଆରେ ପ୍ରଥମଥର ପାଇଁ ଆଫଗାନିସ୍ତାନ ୮ ୱିକେଟରେ ପାକିସ୍ତାନକୁ ହରାଇଥିଲା। ୫- ଆଫଗାନିସ୍ତାନ ୨୦୨୪ ମସିହା ଜୁନ ୨୩ରେ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆକୁ ୨୧ ରନରେ ଟି-୨୦ ବିଶ୍ୱକପରେ ହରାଇଥିଲା।୬- ଆଫଗାନିସ୍ତାନ ପ୍ରଥମଥର ପାଇଁ ଜୁନ ୨୫ରେ ଟି-୨୦ ବିଶ୍ୱକପ ସେମି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା।୭- ଆଫଗାନିସ୍ତାନ ସେପ୍ଟେମ୍ବର ୧୮ରେ ପ୍ରଥମଥର ପାଇଁ ଦକ୍ଷିଣ ଆଫ୍ରିକାକୁ କୌଣସି ଅନ୍ତର୍ଜାତୀୟ ମ୍ୟାଚରେ ହରାଇଥିଲା। ୮- ଆଫଗାନିସ୍ତାନ ସେପ୍ଟେମ୍ବର ୨୦ରେ ପ୍ରଥମ ଥର ପାଇଁ ଦକ୍ଷିଣ ଆଫ୍ରିକା ବିପକ୍ଷ କୌଣସି ଦ୍ୱିପାକ୍ଷିକ ସିରିଜ ଜିତିଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ